## ସଂକ୍ଷେପରେ

### ନିଟ୍‌ରେ ଶିବଙ୍କ ସଫଳତା



ଉମରକୋଟ, ୧୬।୬ (ସନ୍ତୋଷ ଶତପଥୀ)- ସର୍ବଭାରତୀୟ ମେଡିକାଲ ପରୀକ୍ଷା (ନିଟ୍)ରେ ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳର ଶିବପ୍ରସାଦ ରାଉତ ୭୨୦ ନମ୍ବରରୁ ୬୫୭ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଶିବପ୍ରସାଦ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲରେ ୮୫% ନମ୍ବର ରଖି ୨୦୧୮ରେ ଦଶମ ଶ୍ରେଣୀ ପାସ୍ କରିଥିଲେ। ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମହାବିଦ୍ୟାଳୟରୁ ୯୩% ନମ୍ବର ରଖି ଯୁକ୍ତ ୨ ବିଜ୍ଞାନ ପାସ୍ କରିଥିଲେ। ଚଳିତ ବର୍ଷ ନିଟ୍ ପରୀକ୍ଷା ପାଇଁ ବ୍ରହ୍ମପୁରସ୍ଥିତ ନୀଳକଣ୍ଠନଗର ଶିଶୁ ବିଦ୍ୟାମନ୍ଦିରରୁ କୋଚିଂ ନେଇ ଏହି କୃତକାର୍ଯ୍ୟ ହାସଲ କରିଛନ୍ତି। ବାପା ପ୍ରଫୁଲ୍ଲ ରାଉତ ଚଖେଇଗୁଡ଼ା ଉନ୍ନୀତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ମା ସରକାରୀ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ। ଭବିଷ୍ୟତରେ ଶିବପ୍ରସାଦ ଡାକ୍ତର ହୋଇ ନବରଙ୍ଗପୁର ଜିଲାର ଲୋକଙ୍କ ସେବା କରିବେ ବୋଲି କହିଛନ୍ତି। ଏହି ସଫଳତା ପାଇଁ ମା' ବାପା, ଆଈ ଅଜା, ଶିକ୍ଷୟିତ୍ରୀ ଶିକ୍ଷକ ଓ ଭଗବାନଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଡାବୁଗାଁ, ୧୬।୬ (ପ୍ରଜ୍ଞା ରଞ୍ଜନ ପରିଡ଼ା)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଡାବୁଗାଁ ଥାନା ଅଞ୍ଚଳର ଦୀନବନ୍ଧୁ ଭତ୍ରା (୨୩)। ସୂଚନାନୁଯାୟୀ, ଦୀନବନ୍ଧୁଙ୍କର ନିଜ ଗାଁର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ନାବାଳିକା ଜଣଙ୍କ ଦୀନବନ୍ଧୁଙ୍କ ଘରେ ଆସି ରହୁଥିଲେ। ଏହି ସମୟରେ ଉଭୟେ ଶାରିରୀକ ସମ୍ପର୍କ ରଖିଥିଲେ। ବିବାହ ପାଇଁ କହିବାରୁ ଦୀନବନ୍ଧୁ ନାବାଳିକାଙ୍କୁ ନେଇ ଘରେ ଛାଡି ଦେଇଥିଲେ। ପ୍ରାପ୍ତ ବୟସ ହେଲାପରେ ବିବାହ କରିବି ବୋଲି ଦୀନବନ୍ଧୁ ନାବାଳିକାଙ୍କୁ କହିଥିଲେ। ଏହାର କିଛି ଦିନ ପରେ ଦୀନବନ୍ଧୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ଘରକୁ ଆଣିଥିଲେ। ଏହାପରେ ନାବାଳିକା ଜଣଙ୍କ ଗତ ୧୩ ତାରିଖରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ସୁନୀଲ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ଚନ୍ଦନ ସାହୁ ଘଟଣାର ତଦନ୍ତ କରିଥିଲେ। ପୋଲିସ ଗୁରୁବାର ଦୀନବନ୍ଧୁଙ୍କୁ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛନ୍ତି। ୧୧୬/୨୩ରେ ପୋଲିସ ମାମଲା ରୁଜୁ କରିଛି।

### ୧୫ କେଜି ଚନ୍ଦନ କାଠ ଜବତ

ନବରଙ୍ଗପୁର, ୧୬।୬(ସଦାଶିବ ପ୍ରହରାଜ) କୋରାପୁଟ ଜିଲାରୁ ନବରଙ୍ଗପୁରକୁ ଚନ୍ଦନକାଠ ଚାଲାଣ ବେଳେ ବନ ବିଭାଗ ଚଢ଼ାଉ କରିଛି। ଏହି ଚଢ଼ାଉରେ ୧୫ କେଜି ୨୫୦ ଗ୍ରାମ ଚନ୍ଦନ କାଠ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ସୁନାବେଡା ଡି.ପି କ୍ୟାମ୍ପର ଗୌରାଙ୍ଗ ଦୋ। ଚନ୍ଦନ କାଠ ଚୋରା ଚାଲାଣ ଖବର ପାଇ ନବରଙ୍ଗପୁର ବନାଞ୍ଚଳ ଅଧୀନ ତାରାଗାଁ ଛକରେ ବନ ବିଭାଗ କର୍ମଚାରୀ ଜଗି ରହିଥିଲେ। ସ୍କୁଟିରେ ଗୌରାଙ୍ଗ ଚନ୍ଦନ କାଠ ନେଇ ଆସିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ଠିକା ସଂସ୍ଥାକୁ ଡିମାଣ୍ଡ ନୋଟିସ

- ସିୟୁନି କ୍ୱାରିରୁ ଅନୁମତିଠାରୁ ଅଧିକ ପଥର ଉଠାଣ ଘଟଣା
- ୩ ଲକ୍ଷ ସିଏମ୍ ପଥର ଟଙ୍କା, ୨ ପ୍ରତିଶତ ଜରିମାନା ନିର୍ଦ୍ଦେଶ

ନବରଙ୍ଗପୁର, ୧୬।୬(ସଦାଶିବ ପ୍ରହରାଜ)

ଭାରତମାଳା ସଡ଼କ ପାଇଁ ସିୟୁନି କ୍ୱାରିରୁ ଠିକା ସଂସ୍ଥା ପଥର ଖନନ କରୁଛି । ସରକାରୀ ଖଣି ନିୟମ ଉଲ୍ଲଂଘନକରି ସଂସ୍ଥା ଅନୁମତିଠାରୁ ୩ ଲକ୍ଷରୁ ଅଧିକ ସିଏମ୍ ପଥର ଫଟାଇ ଉଠାଇ ଚାଲିଛନ୍ତି। ୩ ମିଟର ଖନନ କରିବା ପରିବର୍ତ୍ତେ ୫୦ ଫୁଟ ଗଭୀରରୁ ଊର୍ଦ୍ଧ୍ୱ ନିମ୍ନ ଭାଗକୁ ଖନନ କରାଯାଇ ପଥର ଉଠାଇ ନିଆଯାଉଛି। ୨୩ ହଜାର ସିଏମ୍ ପଥର ଉଠାଇବା ପାଇଁ ଅନୁମତି ନେଇ ଏବେ ୩ ଲକ୍ଷ ସିଏମ୍‌ରୁ ଅଧିକ ପଥର ନେଇସାରିଲାଣି ଠିକାସଂସ୍ଥା। ଏହାଦ୍ୱାରା ବ୍ୟାପକ ରାଜସ୍ୱ ହାନି ହେଲାଣି। ନିୟମିତ ବ୍ୟବଧାନରେ ଅଭିଯୋଗ ପରେ ନବରଙ୍ଗପୁର ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଠିକା ସଂସ୍ଥା ଅର୍କନ୍ସକୁ ଡିମାଣ୍ଡ ନୋଟିସ ଜାରିକରିଛନ୍ତି। ଠିକାସଂସ୍ଥା ୩ ଲକ୍ଷରୁ ଅଧିକ ସିଏମ୍ ପଥର ଖନନ କରିଛି। ବୁଧବାର ଡିମାଣ୍ଡ ନୋଟିସ କରାଯିବା ସହ ପ୍ରତି ସିଏମ୍ ପିଛା ୧୪୦ ଟଙ୍କା ଓ ୨ ପ୍ରତିଶତ ଜରିମାନା ଦେବାକୁ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଥିବା ତହସିଲଦାର କହିଛନ୍ତି।

୩ ମିଟର ପରିବର୍ତ୍ତେ ୫୦ ଫୁଟ ଖୋଳିଲାଣି ଠିକା ସଂସ୍ଥା ଖବର ପ୍ରକାଶ ପରେ ରାଜସ୍ୱ ବିଭାଗ ତତ୍ପର ହୋଇଉଠିଛି। ନବରଙ୍ଗପୁର ତହସିଲଦାର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ ପରେ କ୍ୱାରି ତଥା ଖନନ ସ୍ଥାନରେ ବିକ୍ରମପୁର ରାଜସ୍ୱ ନିରୀକ୍ଷକ ଭି. ଭି. ରାଜୁ ଓ ସୁପରଭାଇଜର ସୀମାଞ୍ଚଳ ଦାଶ ୧ ତାରିଖରେ ମାପଚୁପ କରି ନବରଙ୍ଗପୁର ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପ୍ରାୟ ୧ ଲକ୍ଷ ସିଏମ୍‌ରୁ ଊର୍ଦ୍ଧ୍ୱ ପଥର ଠିକାସଂସ୍ଥା ଖନନକରି ନେଇଥିବା କହୁଥିବା ବେଳେ ୩ ଲକ୍ଷ ସିଏମ୍‌ରୁ ଅଧିକ ପଥର ଖନନ କରାଯାଇଥିବା ତହସିଲଦାର କହିଛନ୍ତି।

ନବରଙ୍ଗପୁର ତହସିଲ ଅଧୀନ ବିକ୍ରମପୁର ରାଜସ୍ୱ ସର୍କଲର ଖାତା ନମ୍ବର ୫୯୪, ପ୍ଲଟ୍ ନମ୍ବର ୧୯୪୪, ପଥର ବଣ କିସମ ଥିବା ସିୟୁନି କ୍ୱାରିରୁ ପଥର ନେବାକୁ ଅର୍କନ୍ସ ସଂସ୍ଥା ୩୦ ହଜାର ୧୮୪ ସିଏମ୍ ପଥର ଉଠାଇବ ବୋଲି ଆବେଦନ କରିଥିଲା। ଖଣି ନିୟମ ପ୍ରକାରେ ହିଁ ପ୍ରତି ୩ ମାସରେ ଥରେ କ୍ୱାରି ପାଇଁ ଅନୁମତି ମିଳିଲା। ସଂସ୍ଥା ୨୦୨୨ ଜୁଲାଇ ୧୨ରେ ୧ ହଜାର, ଡିସେମ୍ବର ୧୬ରେ ୧ ହଜାର ଓ ଡିସେମ୍ବର ୨୯ରେ ଆଉ ୧ ହଜାର ସିଏମ୍ ପଥର ଉଠାଇବାକୁ ଆବେଦନ କଲେ। ତତ୍କାଳୀନ ତହସିଲଦାରଙ୍କ ନିର୍ଦ୍ଦେଶରେ ୨୦୨୨ରେ ରାଜସ୍ୱ ନିରୀକ୍ଷକ ଓ ରେଭିନ୍ୟୁ ସୁପରଭାଇଜର ତଦନ୍ତ କରି ଠିକାସଂସ୍ଥା ବିରୋଧରେ ରିପୋର୍ଟ ଦେଇଥିଲେ। ଅନୁମତିରୁ ଅଧିକ ୩୨ ହଜାର ୪ ଶହ ସିଏମ୍ ପଥର ଉଠି ସାରିଲାଣି ବୋଲି ରିପୋର୍ଟ ଦେଇଥିଲେ। ଅର୍କନ୍ସ ସଂସ୍ଥାକୁ ତହସିଲ ପକ୍ଷରୁ କାରଣ ଦର୍ଶାଅ ନୋଟିସ ପରେ ୧ ଲକ୍ଷ ପେନାଲଟି ସହ ୨୦୨୩ ମାର୍ଚ୍ଚ ୬ରେ ୪୬ଲକ୍ଷ ଟଙ୍କା ଠିକା ସଂସ୍ଥା ଜମାକରିଥିଲେ। ଏହାପରେ ମଧ ଠିକା ସଂସ୍ଥା ଖଣି ନିୟମ ମାନୁ ନ ଥିବା ଅଭିଯୋଗ ହୋଇଛି।

# ଦିବ୍ୟାଙ୍ଗ ଗୋପାଳ ପାଇଲେ ୨୧ ମାସର ଭତ୍ତା



ଗୋପାଳଙ୍କୁ ବିଡିଓ ଭତ୍ତା ପ୍ରଦାନ କରୁଛନ୍ତି ।

## ଧରିତ୍ରୀ ପ୍ରଭାବ

ତେନ୍ତୁଳିଖୁଣ୍ଟି, ୧୬।୬ (ଚିଦାନନ୍ଦ ସାହୁ)

ପରଜାବାରଙ୍ଗପଦର ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମର ଦିବ୍ୟାଙ୍ଗ ଯୁବକ ଗୋପାଳ ହରିଜନ ଟ୍ରେନ୍‌ରେ ଆସୁଥିବାବେଳେ ତାଙ୍କର ସମସ୍ତ ଡକ୍ୟୁମେଣ୍ଟ ହଜିଯାଇଥିଲା। ସେବେଠାରୁ ହିତାଧିକାରୀ ଭତ୍ତା ପାଉ ନ ଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ତାଙ୍କୁ ଏବେ ୨୧ ମାସର ଭତ୍ତା ମିଳିଛି।

ସୂଚନାନୁଯାୟୀ, ଧରିତ୍ରୀରେ ଖବର ପ୍ରକାଶ ପରେ ବିଡିଓ ମନୋଜ ପାଣିଗ୍ରାହୀ ସମସ୍ତ ବିଷୟ ଅନୁଧାନ ପରେ ଆବଶ୍ୟକ ପ୍ରକ୍ରିୟା କରିଥିଲେ। ଗୋପାଳଙ୍କୁ ୧୩ତାରିଖରେ ତାଙ୍କର ସମସ୍ତ ପ୍ରାପ୍ୟ ଦେବା ପାଇଁ ତାଙ୍କ ଘରକୁ ଯାଇଥିଲେ। କିନ୍ତୁ ସେ ଘରେ ନ ଥିଲେ। ଶୁକ୍ରବାର ବିଡିଓ ଗୋପାଳଙ୍କୁ ଭେଟି ମାସିକ ୫୦୦ ଟଙ୍କା ଲେଖାଏ ୨୧ମାସର ୨୧,୫୦୦ ଟଙ୍କା ପ୍ରଦାନ କରିଥିଲେ। ଏଥିସହ ତାଙ୍କୁ ପେନ୍‌ସନ ଖାତା ପ୍ରଦାନ କରିଥିଲେ। ଏଣିକି ସେ ହତାହାତି ମାସିକ ପେନ୍‌ସନ ପାଇବେ ବୋଲି ବିଡିଓ କହିଛନ୍ତି। ଏହି ସମୟରେ ସମିତି ସଭ୍ୟା ସୁକାନ୍ତି ମହାନ୍ତି, ସଦାଶିବ ଜାନି, କୁନା ମହାନ୍ତି ଓ ମନୋଜଙ୍କ ଭାଇ ଶଙ୍କର ଉପସ୍ଥିତ ଥିଲେ।

# 'ଆଦିବାସୀଙ୍କୁ ଦଖଲ ଜମିର ପଟ୍ଟା ପ୍ରଦାନ କରାଯାଉ'

## ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚର ୧୪ ଦଫା ଦାବିପତ୍ର

ଝରିଗାଁ, ୧୬।୬(କିଶୋର ଚନ୍ଦ୍ର ମଣ୍ଡଳ)



ଅତିରିକ୍ତ ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଓଡ଼ିଶା କୃଷକ ସଭା, ଆଦିବାସୀ ଅଧିକାର ମଞ୍ଚ ଏବଂ ଜଙ୍ଗଲ ଅଧିକାର କମିଟି ମହାସଂଘ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିପତ୍ର ସ୍ଥାନୀୟ ତହସିଲଦାର, ବନ ବିଭାଗ ରେଞ୍ଜର, ବିଡିଓ ଏବଂ ବିଦ୍ୟୁତ୍ ବିଭାଗକୁ ପ୍ରଦାନ କରିଛନ୍ତି। ଉପରୋକ୍ତ ୩ ସଂଘର ଶତାଧିକ ମହିଳା ପୁରୁଷ ଝରିଗାଁ ଠାକୁରାଣୀ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ରାଜ୍ୟ ସରକାର ଶାସନ ଆଳରେ ଲୋକଙ୍କୁ ଶୋଷଣ କରୁଥିବା ନେଇ ସ୍ଲୋଗାନ ଦେଇଥିଲେ।

ଆଦିବାସୀ ଓ ଅଣ ଆଦିବାସୀଙ୍କ ଦଖଲରେ ରହିଥିବା ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ଜଙ୍ଗଲ ଅଧିକାର କମିଟି ଓ ଗ୍ରାମସଭା ଦ୍ୱାରା ତଦନ୍ତ କରାଯାଇ ଠିକ୍ ପରିମାଣରେ ଜଙ୍ଗଲ ଜମିପଟ୍ଟା ଦେବା, ଚାଷଜମି ମରାମତି ସମୟରେ ବ୍ୟବହାର କରାଯାଉଥିବା ଟ୍ରାକ୍ଟର ଓ ଜେସିବିକୁ ବନ ବିଭାଗ କର୍ମଚାରୀ ଧରି ଚାଷୀଙ୍କୁ ଅର୍ଥଦଣ୍ଡ ଦେଉଛନ୍ତି, ତାହା ବନ୍ଦ ଦାବି ହୋଇଛି। ଆଦିବାସୀ, ଅଣ ଆଦିବାସୀଙ୍କ ଦଖଲରେ ଜମି ପାଇଁ ବେଆଇନ ଜବରଦଖଲ ନାମରେ ରାଜସ୍ୱ ବିଭାଗ ହଜାର ହଜାର ଟଙ୍କା ଆଦାୟ କରୁଛି, ତାହାକୁ ବନ୍ଦ କରିବାକୁ ଦାବି ହୋଇଛି। ଜିଲାର ସବୁ ବ୍ଲକ, ପଞ୍ଚାୟତରେ ଜଙ୍ଗଲ ଅଧିକାର ଓ ପେଶା ଆଇନ ବିଷୟରେ ତାଲିମ, ୪୦ ବର୍ଷର ଦଖଲରେ ରହିଥିବା ହିତାଧିକାରୀଙ୍କୁ ଘରବାରି ଜମି ପଟ୍ଟା ପ୍ରଦାନ, ପୂର୍ବ ଭଳି ବିଭିନ୍ନ ଭତ୍ତା ହିତାଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ନଗଦ ଟଙ୍କା ପ୍ରଦାନ କରାଯାଉ। ଗ୍ରାମସଭା ଓ ପଲ୍ଲିସଭାର ବିନା ଅନୁମତିରେ ସତୀଘାଟ ଡ୍ୟାମ୍, ତେଲନଦୀ ପଞ୍ଚାୟତରେ ପ୍ରସ୍ତାବିତ ଡ୍ୟାମ୍ ନିର୍ମାଣ ବନ୍ଦ ଦାବି ହୋଇଛି। ଝରିଗାଁ ବ୍ଲକରେ ଟାଟା କମ୍ପାନୀ ପକ୍ଷରୁ ମନଇଚ୍ଛା ବିଦ୍ୟୁତ୍ ବିଲ୍ ପ୍ରଦାନ, ଜବରଦସ୍ତି ବିଦ୍ୟୁତ୍ ବିଲ୍ ଟଙ୍କା ଆଦାୟ କରାଯାଉଛି। ତାହାକୁ ଓ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ଦାବି ହୋଇଛି। ଝରିଗାଁ ସଦରରେ ଖୋଲାଯାଇଥିବା ନୂତନ ବିଦେଶୀ ମଦଦୋକାନ ବନ୍ଦ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅର୍ଦ୍ଧନିର୍ମିତ ଦୋକାନଗୃହ କାର୍ଯ୍ୟ ଶେଷକରି ସ୍ଥାନୀୟ ଶିକ୍ଷିତ ବେକାର ଯୁବକଙ୍କୁ ଦେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ସଂଘର ରାଜେଶ ଜାନି, ନୁଆଖାଉ ଭତ୍ରା, ରବି ସାନ୍ତା, ଅଲେଖ କୁଳଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଫେରାର ମହିଳା ଅଭିଯୁକ୍ତ ଗିରଫ

ଜୟପୁର, ୧୬।୬ (ପବନ ପାଣିଗ୍ରାହୀ)– ଜୟପୁର ସଦର ପୋଲିସ ଫେରାର ଥିବା ୨ଜଣ ମହିଳା ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ମୁଳାସର ଗ୍ରାମର ଡମୁଣି ଖାତି ଓ ଚନ୍ଦ୍ରମା ଖାତି । ଉଭୟଙ୍କ ନାମରେ ୨୦୧୬ରୁ ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେବେଠାରୁ ଦୁହେଁ ଫେରାର ଥିଲେ ବୋଲି ପୋଲିସ କହିଛି।

# ଝୁଲନ୍ତା ମୃତଦେହ ଉଦ୍ଧାର

ଗୁଣପୁର, ୧୬।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ବ୍ଲକର ଗେଡା ପଞ୍ଚାୟତ ଚିନାରିଗୁଡାଠାରେ ଥିବା ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ, ଠିକାଦାର ନିର ପାଢୀଙ୍କ ଜମିରେ ଥିବା ସୁବାବୁଲ ଗଛରେ ଅଜଣା ବ୍ୟକ୍ତି ଜଣକ ବେକରେ ଗାମୁଛା ଲଗାଇ ଝୁଲି ପଡିଥିଲେ। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଗୁଣପୁର ଆଇଆଇସି ନିଳମ୍ବର ଜାନିଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣାସ୍ଥଳରେ ପହଁଞ୍ଚି ମୃତଦେହକୁ ଜବତ କରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟକ୍ତି ଜଣକ କିଏ ଏବଂ କାହିଁକି ସେ ଆତ୍ମହତ୍ୟା କରିଛନ୍ତି ସେ ନେଇ ପୋଲିସ ଖୋଳତାଡ କରୁଛି । ଶବ ବ୍ୟବଚ୍ଛେଦ ପରେ ମୃତଶରୀରକୁ ଫ୍ରିଜରେ ସଂରକ୍ଷିତ ରଖାଯାଇଥିବା ଆଇଆଇସି ଜାନି କହିଛନ୍ତି।

# ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟର ପ୍ରତିବାଦ



ଭାଜପା ନେତା, କର୍ମୀମାନେ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ନବରଙ୍ଗପୁରରେ ଭାଜପାର ବିକ୍ଷୋଭ

ନବରଙ୍ଗପୁର, ୧୬।୬(ସଦାଶିବ ପ୍ରହରାଜ)

ବିଦ୍ୟୁତ୍ ବିଭ୍ରାଟର ପ୍ରତିବାଦକରି ଶୁକ୍ରବାର ଭାଜପା ପକ୍ଷରୁ ନବରଙ୍ଗପୁର ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝିଙ୍କ ନେତୃତ୍ୱରେ ଭାଜପା କର୍ମୀ ଓ ନେତା ଏହି ଘେରାଉରେ ସାମିଲ ହୋଇଥିଲେ। ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚାଲିଥିବା ମଧୁଚନ୍ଦ୍ରିକା ଯୋଗୁ ଲୋକେ ଅସୁବିଧାର ଶିକାର ହେଉଛନ୍ତି ବୋଲି ଜିଲା ଭାଜପା ଅଭିଯୋଗ କରିଛି। ବିଭାଗୀୟ ଯନ୍ତ୍ରୀ ଇନ୍‌ଭର୍ଟର କମ୍ପାନୀରୁ ଲାଞ୍ଚ ନେଇ ପାୱାରକଟ୍ କରୁଥିବା ଅଭିଯୋଗ କରିଛି ଭାଜପା। ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ବିଦ୍ୟୁତ୍ ବିଲ୍ ପୈଠ କରିପାରୁନାହାନ୍ତି। ନୂଆ ନିୟମ ଦର୍ଶାଇ ଲୋକଙ୍କୁ ହଇରାଣ କରାଯାଉଛି। ଟାଟା ପାୱର ଉପଯୁକ୍ତ ସେବା ବଦଳରେ ନିରାଶ କରିଛି। ନିରନ୍ତର ବିଦ୍ୟୁତ୍ ସେବା , ତ୍ରୁଟିପୂର୍ଣ୍ଣ ବିଲ୍ , ସ୍ମାର୍ଟ ମିଟର ଓ ଏଥିରେ ଲାଗିଥିବା ତାର , ଲାଇଟ୍ ଆଦିକୁ ନ ସଜାଡ଼ିଲେ ଆନ୍ଦୋଳନ ହେବ ବୋଲି ଭାଜପା ନଗର ମୋର୍ଚ୍ଚା ସଭାପତି ଶ୍ରୀଧର ପତ୍ର, ସମ୍ପାଦକ ଶୁଭମ ଚୌଧୁରୀ, ଶର୍ମିଷ୍ଠା ଦେଓ, ମିନତୀ ପଟ୍ଟନାୟକ, ସୁବ୍ରତ ମିଶ୍ର, କାଉନସିଲର ଏ.ସତୀଶଙ୍କ ସମେତ କର୍ମକର୍ତ୍ତା ଓ କର୍ମୀମାନେ ଚେତାବନୀ ଦେଇଛନ୍ତି।

# ଏସ୍‌ଏଚ୍‌ଜି ସଭ୍ୟାଙ୍କୁ କୁକୁଡ଼ା ଚିଆଁ ବଣ୍ଟନ

ଚିତ୍ରକୋଣ୍ଡା, ୧୬।୬(କ୍ଷୀରୋଦ ବେହେରା)



ମହିଳାମାନଙ୍କୁ କୁକୁଡା ଚିଆଁ ଦିଆଯାଉଛି ।

ଓଡ଼ିଶା ଜୀବିକା ମିଶନ ସହାୟତାରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଟନେଲକ୍ୟାମ୍ପ ପଞ୍ଚାୟତର ୧୦ ଗ୍ରାମର ୧୦ ଏସ୍‌ଏଚ୍‌ଜିର ୧୦୦ ଜଣ ସଭ୍ୟାଙ୍କୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି। ସଭ୍ୟା ପିଛା ୩୫ଟା ଲେଖାଏ ମୋଟ ୩୫୦୦ କୁକୁଡ଼ା ଚିଆଁ ପ୍ରଦାନ କରାଯାଇଛି। ସେହିଭଳି ବଡ଼ପଡ଼ା ପଞ୍ଚାୟତର ୧୦ ଏସ୍‌ଏଚ୍‌ଜିର ୧୦୦ ଜଣ ସଭ୍ୟାଙ୍କୁ ୩୫୦୦ କୁକୁଡ଼ା ଚିଆଁ ଦିଆଯାଇଛି। ମହିଳାମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାକୁ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏକ ପ୍ରୟାସ କରାଯାଇଥିବା ବିଏଲ୍‌ସି ସୋମନାଥ କୁମ୍ଭାର କହିଛନ୍ତି।

# ଗାଡି ସହ କାଠ ଜବତ, ଜଣେ ଗିରଫ

ଜୟପୁର, ୧୬।୬ (ପବନ ପାଣିଗ୍ରାହୀ)



ଜୟପୁର ବନାଞ୍ଚଳ ପକ୍ଷରୁ ଚୋରା କାଠ ଚାଲାଣ ବେଳେ ଚଢାଉ କରି ଜଣକୁ ଗିରଫ କରାଯାଇଛି। ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଫାମ୍ପୁଣି ଗ୍ରାମର ଆନନ୍ଦ ବିଶ୍ୱାଳ। ଫିସେରି ଅଫିସ ନିକଟସ୍ଥ ନନ୍ଦଗୁଡା ରାସ୍ତାରେ ଓଆର ୧୦ ଏଚ ୦୭୯୮ ଗାଡିରେ କାଠ ଚୋରାଚାଲାଣ କରାଯାଉଥିବା ସୂଚନା ପାଇ ବନ ବିଭାଗ କର୍ମଚାରୀମାନେ ଚଢାଉ କରିଥିଲେ। ଏହି ସମୟରେ ଗାଡିରୁ ୩୪ଟି ଶାଳ କାଠ ଜବତ କରାଯାଇଛି। ଜବତ କାଠର ବଜାର ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା କହିଛନ୍ତି। ଗିରଫ ପରେ ଆନନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଡାଉରେ ବନାଞ୍ଚଳ ଅଧିକାରୀ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ସୁଶିଳ ମହାନ୍ତି, ଅରୁଣ ଜେନା, ଫରେଷ୍ଟ ଗାର୍ଡ ଅନିଲ ଦାସ, ଗୌତମ ସ୍ୱାଇଁ ,ସିଏଚ କାଲୋ, କଳ୍ପନା ନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

# ହୋଇପାରିଲାନି ଇନ୍ଦ୍ରାବତୀ ପ୍ରକଳ୍ପ ହାଇସ୍କୁଲ ହସ୍ତାନ୍ତର ପ୍ରକ୍ରିୟା

ତେନ୍ତୁଳିଖୁଣ୍ଟି, ୧୬।୬(ଚିଦାନନ୍ଦ ସାହୁ)

ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ ଶୁକ୍ରବାର ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ହସ୍ତାନ୍ତର ହେବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ତାହା ହୋଇପାରି ନ ଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ହସ୍ତାନ୍ତର ତାରିଖ ଧାର୍ଯ୍ୟ ହେବାରୁ ଉତ୍ତମ ପାଠପଢ଼ା, ସ୍କୁଲର ଉନ୍ନତି ନେଇ ଯେଉଁ ଆଶା ସଞ୍ଚାର ହୋଇଥିଲା ଏବେ ନିରାଶ ହେବାକୁ ପଡିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ସୂଚନାନୁଯାୟୀ, ଇନ୍ଦ୍ରାବତୀ ପ୍ରକଳ୍ପ ସମେତ ଅନ୍ୟ ପ୍ରକଳ୍ପ ଦ୍ୱାରା ପରିଚାଳିତ ୮ଟି ସ୍କୁଲକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର ହେବା ନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗରୁ ପତ୍ର ବାହାରିଥିଲା। ଦୀର୍ଘ ୧ବର୍ଷ ପରେ ମଧ ବିଦ୍ୟାଳୟ ହସ୍ତାନ୍ତର ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ଅଭିଯୋଗ ଶୁଣାଣିରେ ମଧ ଅଭିଯୋଗ କରାଯାଇଥିଲା। ଶିକ୍ଷକ ସମସ୍ୟା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ। ଶିକ୍ଷକ ନିଯୁକ୍ତି ଦାୟିତ୍ୱ କାହାର ଆଦି ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରକଳ୍ପ କର୍ତ୍ତୃପକ୍ଷ ଓ ପ୍ରଶାସନ କିଛିଟା ସକ୍ରିୟ ହୋଇଥିଲେ। ନବରଙ୍ଗପୁର ଜିଲାପାଳ ମିଶ୍ରଙ୍କ ସହ ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭତ୍ରା, ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ଦାସ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ପାତ୍ର ଭେଟି ଇନ୍ଦ୍ରାବତୀ ପ୍ରକଳ୍ପ ପରିଚାଳିତ ବିଦ୍ୟାଳୟ ହସ୍ତାନ୍ତର ନେଇ ଆଲୋଚନା କରିଥିଲେ। ଉକ୍ତ ଦିନ ହିଁ ଡିଇଓ ପ୍ରଦୀପ ନାଗଙ୍କ ସହ ମଧ ଏ ନେଇ ଆଲୋଚନା କରାଯାଇଥିଲା। ଡିଇଓ ବିଦ୍ୟାଳୟ ଦାୟିତ୍ୱ ହସ୍ତାନ୍ତର ନେଇ ୧୬ତାରିଖ ଧାର୍ଯ୍ୟ କରିଥିଲେ। ଡିଇଓ, ଏଡିଇଓ ବିଶ୍ୱନାଥ ସାହୁ, ରେଶମ ଲାଲ ନାୟକ, ସାଇନ୍ସ ସୁପରଭାଇଜର ଚିତ୍ତରଞ୍ଜନ ପଟ୍ଟନାୟକ, ତେନ୍ତୁଳିଖୁଣ୍ଟି ବିଇଓ ସୌମେନ୍ଦ୍ର ଭୌମିକଙ୍କ ସହ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭତ୍ରା, ନିର୍ବାହୀ ଯନ୍ତ୍ରୀ ଦାସ ଓ ପାତ୍ର ହସ୍ତାନ୍ତର ସମ୍ପର୍କରେ ଶୁକ୍ରବାର ଆଲୋଚନା କରିଥିଲେ। କିନ୍ତୁ ଡିଇଓ ନାସ୍ତିବାକ୍ୟ ଶୁଣାଇଥିଲେ। ଜିଲାପାଳ ଆମ ବିଭାଗର ଅଥରିଟି ନୁହନ୍ତି। ତାଙ୍କ ନିର୍ଦ୍ଦେଶରେ ସ୍ଥିତି ସମୀକ୍ଷା କରିଛୁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ନିର୍ଦ୍ଦେଶନାମା ଆସିଲେ ଆମ ବିଭାଗ ଇନ୍ଦ୍ରାବତୀ ପ୍ରକଳ୍ପ ପରିଚାଳିତ ବିଦ୍ୟାଳୟ ହାତକୁ ନେବ ବୋଲି ଡିଇଓ ପ୍ରଦୀପ ନାଗ କହିଛନ୍ତି। ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ କେତେଜଣ ଶିକ୍ଷକ ଓ ସ୍କୁଲକୁ ଷ୍ଟାଫ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ବିଦ୍ୟାଳୟ ହସ୍ତାନ୍ତର ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଯିବ ବୋଲି ଆଶା କରିଥିଲୁ। କିନ୍ତୁ ଡିଇଓଙ୍କ କଥା ନିରାଶ କରିଛି। ତଥାପି ଜଳ ସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ କାର୍ଯ୍ୟାଳୟକୁ ଆଜିର ଆଲୋଚନା ସମ୍ପର୍କରେ ଜଣାଇ ଦିଆଯିବ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ, ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭତ୍ରା କହିଛନ୍ତି।

# ସନ୍‌ସାଇନ ସୁପର କିଙ୍ଗ୍ ଚାମ୍ପିୟନ

## ନବରଙ୍ଗପୁର ପ୍ରିମିୟର ଲିଗ୍

ନବରଙ୍ଗପୁର, ୧୬।୬(ସଦାଶିବ ପ୍ରହରାଜ)

ସନ୍‌ସାଇନ କ୍ଲବ ଆନୁକୂଲ୍ୟରେ ନବରଙ୍ଗପୁର କଲେଜ ପଡ଼ିଆରେ ଚାଲିଥିବା ନବରଙ୍ଗପୁର ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ଶେଷ ହୋଇଛି। ଫାଇନାଲ ମ୍ୟାଚରେ ସନ୍‌ସାଇନ ସୁପର କିଙ୍ଗ୍ ଦଳ ସନ୍‌ସାଇନ ବ୍ଲାଷ୍ଟରକୁ ହରାଇ ଚାମ୍ପିୟନ ହୋଇଛି।

ପ୍ରଥମେ ବ୍ୟାଟିଂକରି ସନ୍‌ସାଇନ ବ୍ଲାଷ୍ଟର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୪୪ରନ କରିଥିଲା। ସନ୍‌ସାଇନ ସୁପର କିଙ୍ଗ୍ ଦଳର ପି. ରସନ କୁମାର ରାଓଙ୍କ ୩୭ ବଲରେ ୪୫ ରନ୍ ବଳରେ ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ସନ୍‌ସାଇନ କ୍ଲବ ସଭାପତି ତଥା ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ମନୋଜ ପଟ୍ଟନାୟକ, ଉମରକୋଟ ପୌରପାଳିକା ଉପ ପୌରାଧ୍ୟକ୍ଷ ସୁଧାଂଶୁ ଦାସ, କ୍ରୀଡ଼ା ସଂଘ କ୍ରିକେଟ ସମ୍ପାଦକ ଅଶୋକ ନାୟକ, ନବରଙ୍ଗପୁର କଲେଜ ଅଧ୍ୟକ୍ଷ ଭାସ୍କରନାଥ ବିଶ୍ୱାଳ, ୟୁନିକ ବିଦ୍ୟାଳୟ ନିର୍ଦ୍ଦେଶକ ଜି. ବାଲାଜୀ ରେଡ୍ଡୀ ପ୍ରମୁଖ ଅନ୍ୟତମ ଅତିଥିଭାବେ ମଞ୍ଚାସୀନ ଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରେଶ ଜୈନ ପରିଚାଳନା କରିଥିଲେ। ଲାଲ ମହମ୍ମଦ ଖାଁ ଓ ଅହମ୍ମଦ ରାଜା ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ଯେ, ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ଟ୍ରଫି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଳକୃଷ୍ଣ ରାଓ, ସହସମ୍ପାଦକ ମନୋଜ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ୟୁନିକ ବିଦ୍ୟାଳୟ ନିର୍ଦ୍ଦେଶକ ଜି. ବାଲାଜୀ ରେଡ୍ଡୀଙ୍କ ଉପସ୍ଥିତିରେ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଟୁର୍ନାମେଣ୍ଟର ସମସ୍ତ ଦଳର ମାଲିକ ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉତ୍ତମ ନାୟକ, ଜି. ଦେବ କୁମାର ରେଡ୍ଡୀ, ଦେବଦତ୍ତ ସାହୁ, ଅଶ୍ୱିନ ଦାସ, ଶୁଭ୍ରାଂଶୁ ଶେଖର, ଦେବାଶିଷ ସାହୁ, ଶୁଭ୍ରାଂଶୁ ଖିଲ, ଦିଲୀପ ବିଷୋୟୀ, ଏସ୍. ସାଇ କୁମାର, ସର୍ବେଶ୍ୱର ସାହୁ ଏବଂ ଶଶାଙ୍କ ଶେଖର ବେହେରାଙ୍କ ସମେତ ସନ୍‌ସାଇନ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ ।

## ସଂକ୍ଷେପରେ

### ଦୁଆରବନ୍ଧରେ ଝୁଣ୍ଟିପଡ଼ି ଶିକ୍ଷକଙ୍କ ମୃତ୍ୟୁ

ମୁନିଗୁଡ଼ା, ୧୬।୬ (ରାଧେଶ୍ୟାମ ଅଗ୍ରୱାଲ) - ରାୟଗଡ଼ା ଜିଲା କୁମୁଡ଼ାବାଲି ଗ୍ରାମପଞ୍ଚାୟତର ପଦ୍ମପୁର ଗ୍ରାମରେ ଜଣେ ଶିକ୍ଷକ ଦୁଆରବନ୍ଧରେ ଝୁଣ୍ଟିପଡ଼ି ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଜୋରରେ ଆଘାତ ଲାଗିବାରୁ ତାଙ୍କୁ ତୁରନ୍ତ ମୁନିଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୁମୁଡ଼ାବାଲି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ପିଡିକାକାଙ୍କ ପୁଅ ଦାଶରଥି ପିଡିକାକା(୪୧) । ଦାଶରଥି କିନାମ ଗ୍ରାମରେ ଶିକ୍ଷକତା କରୁଥିଲେ । ତାଙ୍କ ମୃତ୍ୟୁ ଖବର ଏହି ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ନୂଆ ତହସିଲଦାରଙ୍କ ଯୋଗଦାନ



ବିଷମକଟକ,୧୬।୬ (ବିଭୁତି ପ୍ରସାଦ ନାୟକ)- ବିଷମକଟକ ତହସିଲରେ ନୂତନ ତହସିଲଦାର ଭାବେ କେ.ଭେଙ୍କେଟେଶ୍ୱର ରେଡ୍ଡି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଓଏଏସ ପାଇବା ପରେ ଏହା ତାଙ୍କର ପ୍ରଥମ କାର୍ଯ୍ୟସ୍ଥଳ ବୋଲି ଜଣାପଡ଼ିଛି। ପୂର୍ବରୁ ବିଷମକଟକ ତହସିଲଦାର ପଦବୀ ଖାଲି ପଡ଼ିଥିବା ବେଳେ କୋଲନରା ତହସିଲଦାର ବିଘ୍ନରାଜ କହଁର ବିଷମକଟକ ତହସିଲର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ବିଷମକଟକ ତହସିଲର ବିକାଶ ଓ ଉନ୍ନତି ପାଇଁ ସେ ଧ୍ୟାନ ଦେବେ ବୋଲି କହିଛନ୍ତି।

### କାଚ ଅନ୍‌ଲୋଡିଂ ବେଳେ ଦୁର୍ଘଟଣା, ଯୁବକ ଗୁରୁତର

ସୁନାବେଡା,୧୬।୬ (କୃତିବାସ ପ୍ରଧାନ)- ଗାଡିରୁ କାଚ ଓହ୍ଲାଉଥିବା ବେଳେ ଭାରସାମ୍ୟ ହରାଇବାରୁ ସେହି କାଚରେ କଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଘଟଣାଟି ସେମିଲିଗୁଡା ଗୋପବନ୍ଧୁ ନଗର ଅଞ୍ଚଳରେ ଘଟିଛି। ଶୁକ୍ରବାର ସକାଳୁ ସେମିଲିଗୁଡା ଗୋପବନ୍ଧୁ ନଗର ଅଞ୍ଚଳର ଜନୈକ କାଚ ବ୍ୟବସାୟୀଙ୍କ ଦୋକାନକୁ ଏକ ପିକଅପ ଭ୍ୟାନରେ କାଚ ବୋଝେଇ ହୋଇ ଆସିଥିଲା। ଏହାକୁ ଗାଡିରୁ ଓହ୍ଲାଇବାକୁ ଦୋକାନରେ କାମ କରୁଥିବା ସୁନନ୍ଦ ନାମକ ଯୁବକ ଯାଇଥିଲେ। କାଚଗୁଡିକ ବାହାର କରିବାକୁ ସେ ଗାଡି ଉପରେ ଥିବା ବେଳେ କୌଣସି କାରଣରୁ ବନ୍ଧା ହୋଇଥିବା କାଚରୁ ପ୍ଲାଷ୍ଟିକ ଦଉଡି ଛିଡି ଯାଇଥିଲା। ଫଳରେ ସବୁ କାଚ ସୁନନ୍ଦଙ୍କ ଉପରେ ପଡିଯାଇଥିଲା। ଏଥିରେ ସୁନନ୍ଦଙ୍କ ମୁହଁରେ ଗଭୀର ଆଘାତ ଲାଗିଛି। ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ପଠାଯାଇଛି। ଖବର ପାଇ ସୁନାବେଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା



ଗୁଣପୁର,୧୬।୬(ପ୍ରଦୀପ କୁମାର ପାଢ଼ୀ)- ରାୟଗଡା ଜିଲା କଂଗ୍ରେସ କମିଟିର ସଭାପତି ବିଜୟ ଗମାଙ୍ଗଙ୍କୁ କଂଗ୍ରେସ କର୍ମୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଗୁଡାରି ଅଞ୍ଚଳର ନେତା ଏବଂ କର୍ମୀମାନେ ଶୁକ୍ରବାର ଗୁଣପୁରସ୍ଥିତ ବିଜୟଙ୍କ ବାସଭବନକୁ ଆସି ସ୍ୱାଗତ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ କଂଗ୍ରେସ ନେତା ରଘୁ ପାତ୍ର, ଏମପି ପ୍ରତିନିଧି ଭାସ୍କର ଜାଗରଙ୍ଗା, ବ୍ଲକ ସଭାପତି ଗୋପାଳ ପିଡିକାଙ୍କ ସମେତ ସରପଞ୍ଚ,ସମିତି ସଭ୍ୟ ଏବଂ ବହୁ ନେତା ଏବଂ କର୍ମୀ ଆସି ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ଜିଲା ସଭାପତିଙ୍କୁ ସ୍ୱାଗତ ଜଣାଇଥିଲେ।

# ଜିଲାପାଳଙ୍କୁ ଭେଟିଲେ କଳାପ୍ରେମୀ

ରାୟଗଡ଼ା,୧୬।୬(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳଙ୍କୁ ଭେଟି ଜିଲା କଳା ସଂସ୍କୃତି ସଂଘ କର୍ମକର୍ତ୍ତା ଅଭିଯୋଗ କରୁଛନ୍ତି ।

ରାୟଗଡ଼ା ଜିଲାରେ ଲୋକକଳା ଦିବସ ପାଳନ ନ ହେବା ନେଇ କଳାକାରମାନେ ଶୁକ୍ରବାର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଜିଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ ବଛା, ରାୟଗଡ଼ା ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ ତାଣ୍ଡି ଓ ରାମନାଗୁଡ଼ା ବ୍ଲକ ଉପସଭାପତି ରମେଶ ଶବର ପ୍ରମୁଖ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଅଭିଯୋଗ କରିଥିଲେ। ଜିଲାପାଳ ସେମାନଙ୍କ ଅଭିଯୋଗ ଶୁଣି ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀଙ୍କୁ ଡାକି ସ୍ପଷ୍ଟିକରଣ ମାଗିଥିଲେ। ସଂସ୍କୃତି ଅଧିକାରୀ ନିଜ ଉପରୁ ଦୋଷ ହଟାଇଦେବାକୁ ଯାଇ ଲୋକକଳା ଦିବସ ପାଳନ ଚିଠି ବିଳମ୍ବରେ ମିଳିଥିବା କହିଥିଲେ । ତେବେ ଜିଲାପାଳ ଏଥିରେ ଅସନ୍ତୋଷ ପ୍ରକାଶ କରି ତୁରନ୍ତ ଏକ ଦିନ ଧାର୍ଯ୍ୟ କରି ସମସ୍ତ ବ୍ଲକରେ ଏବଂ ସଦର ମହକୁମାରେ ଲୋକକଳା ଦିବସ ପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଏହି ବ୍ୟତିକ୍ରମ ପାଇଁ ସଂସ୍କୃତି ବିଭାଗର ଯେଉଁ କର୍ମଚାରୀ ଦାୟୀ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସ୍ୱାଧାଦେବ ସିଂ କହିଛନ୍ତି।

ପ୍ରକାଶ ଥାଉକି, ଜୁନ ୧୪ ତାରିଖକୁ ପ୍ରତିବର୍ଷ ଲୋକକଳା ଦିବସ ଭାବରେ ପାଳନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ରହିଥିଲା । ହେଲେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜିଲା ସଂସ୍କୃତି ଅଧିକାରୀ ୧୪ ତାରିଖରେ ଜିଲା ସଦର ମହକୁମାଠାରେ ଲୋକକଳା ଦିବସ ପାଳନ କରିନାହାନ୍ତି। ଏପରିକି ଜିଲାରେ ଗୋଟିଏ ବା ଦୁଇଟି ବ୍ଲକକୁ ଛାଡି ଦେଲେ ଅନ୍ୟ ବ୍ଲକ୍‌ରେ ପାଳନ ହୋଇନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ଜିଲାର କଳା ସଂସ୍କୃତି ପ୍ରେମୀଙ୍କ ମନରେ ଆଘାତ ଦେଇଥିବା କୁହାଯାଉଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବା ସତ୍ତ୍ୱେ କାହିଁକି ଏଥିରେ ବ୍ୟତିକ୍ରମ ହେଲା ସେ ନେଇ ଜିଲାପାଳ ତଦନ୍ତ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଲୋକକଳା ଦିବସ ପାଳନ ହେଲେ ସ୍ଥାନୀୟ କଳାକାରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ସେମାନେ ଜିଲାପାଳଙ୍କୁ କହିଥିଲେ। କିନ୍ତୁ ରାୟଗଡା ଜିଲାରେ ସଂସ୍କୃତି ବିଭାଗ ସ୍ଥାଣୁ ପାଲଟିଥିବା କାରଣରୁ କଳା ଓ ସଂସ୍କୃତି ଲୁଚି ରହିଯାଉଥିବା ଅଭିଯୋଗ ହୋଇଛି।

#### ପାଳନ ହେଲାନି ଲୋକକଳା ଦିବସ

ଜିଲା ଉପସଭାପତି ସନ୍ତୋଷ ବଛା ନିଜସ୍ୱ ଉଦ୍ୟମରେ କଲ୍ୟାଣସିଂହପୁର ଠାରେ ଲୋକକଳା ଦିବସ ପାଳନ କରିଥିଲେ ମଧ୍ୟ ସଂସ୍କୃତି ବିଭାଗ କୌଣସି ସାହାଯ୍ୟ କରି ନ ଥିବା ଜଣାଯାଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଏହି ଅଭିଯୋଗ ଦାଖଲ କରାଯିବ ବୋଲି ସୂଚନା ମିଳିଛି।


କୋରାପୁଟର ଶାବର ଶ୍ରୀକ୍ଷେତ୍ର ରଥଯାତ୍ରା ପାଇଁ ପୁରୀ ବିମାନବଡୁ ସାହିରେ ସୋମନାଥ ପଟ୍ଟନାୟକ ମହାପ୍ରଭୁଙ୍କ ଟାହିଆ ପ୍ରସ୍ତୁତ କରୁଛନ୍ତି। (ଫଟୋ–ଯଜ୍ଞେଶ୍ୱର)।

# ପାଟିକା ସଂଘର ସମ୍ମିଳନୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଏନ.ଭାସ୍କର ରାଓଙ୍କ ସହ ପାଟିକା ସଂଘର କର୍ମକର୍ତ୍ତା।

ରାୟଗଡ଼ା,୧୬।୬(ଭାଗ୍ୟଶ୍ରୀ ମିଶ୍ର)

ସ୍ଥାନୀୟ ଠକରବାପା ଆଶ୍ରମ ଠାରେ ପାଟିକା ସଭାନେତ୍ରୀ ରୁକ୍ମିଣୀ ପାତ୍ରଙ୍କ ସଭାପତିତ୍ୱରେ ଶୁକ୍ରବାର ପାଟିକା ସଂଘର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଜୁ ଶ୍ରମିକ ସାମୁଖ୍ୟ ରାୟଗଡ଼ା ଜିଲା ସଭାପତି ତଥା ଅବିଭକ୍ତ କୋରାପୁଟ ଜିଲା ସଂଯୋଜକ ନିରଞ୍ଜନ ପାତ୍ରଙ୍କ ସଂଜଯୋନାରେ ରାୟଗଡ଼ା ଅନୁଷ୍ଠିତ ସମ୍ମଳନୀରେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ । ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପାଟିକାଙ୍କ ପାଇଁ ଘୋଷଣା କରିଥିବା ୧୧୭.୭୩ କୋଟି ଆର୍ଥିକ ସହାୟତା ତଥା ପୋଷାକ ଭତ୍ତା ବାବଦକୁ ୫.୪୫ କୋଟି ଟଙ୍କା ଘୋଷଣା କରିଥିବାରୁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏଥିସହିତ ପାଟିକାମାନଙ୍କ ଦୈନିକ ମଜୁରୀ ସହିତ ନିଯୁକ୍ତିପତ୍ର ଏବଂ ୧୦ ଦଫା ଦାବି ପୂରଣ କରିବା ପାଇଁ ଅନୁରୋଧ କରିଛନ୍ତି। ଆଗାମୀ ଦିନରେ ସଂଘର ୧୦ ଦଫା ଦାବି ପୂରଣ ପାଇଁ ୨୬ ତାରିଖରେ ଭୁବନେଶ୍ୱର ଲୋଏର ପିଏମଜି ଠାରେ ଧାରଣା ଓ ସମାବେଶ ପାଇଁ ନିଷ୍ପତି ନିଆଯାଇଛି । ଉକ୍ତ ସଭାରେ ରାଜ୍ୟ ଉପସଭାନେତ୍ରୀ ସୁନ୍ଦରଗଡ଼ର ଶାନ୍ତି ଲୋହାର, ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନୀ କୁମୁରା, ରାଜ୍ୟ କୋଷାଧ୍ୟକ୍ଷା ସନ୍ଧ୍ୟାରାଣୀ ସ୍ୱାଇଁ, ରାଜ୍ୟ ସାଧାରଣ ସମ୍ପାଦକ କାର୍ତ୍ତିକ ସା, ରାଜ୍ୟ ସହସମ୍ପାଦକ ଦୀପାଞ୍ଜଳି ଯାଦବ ସମ୍ବଲପୁର ଜିଲ୍ଲା ସଭାନେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ନାମରେ ଚାରାରୋପଣ

ରାୟଗଡ଼ା,୧୬।୬(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକର ନୂଆକୁଶା ଗ୍ରାମରେ ଅଙ୍କୁର ଫାଉଣ୍ଡେସନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ମନ୍ମଥ କାଡ୍ରାକାଙ୍କ ତତ୍ତ୍ୱାବଧାନରେ ଏହି ଚାରାରୋପଣ କାର୍ଯ୍ୟ ଜାରି ରହିଛି । ଗ୍ରାମବାସୀଙ୍କ ସହଯୋଗରେ ନିକଟସ୍ଥ ପାହାଡ଼, ଜଙ୍ଗଲ ଆଦିରେ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ଆମ୍ବ, ପଣସ ଆଦି ଚାରାରୋପଣ କରାଯାଇଛି । ଆମ୍ବ ଟାକୁଆ, ପଣସ ମଞ୍ଜି ଆଦିରୁ ଚାରା ପ୍ରସ୍ତୁତି ପାଇଁ ଗ୍ରାମବାସୀ ମଧ୍ୟ ସହଯୋଗ କରୁଛନ୍ତି । ତେବେ ଚଳିତ ବର୍ଷ ଶିଶୁ ଚାରାରୋପଣ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ କରାଯାଇଛି ବୋଲି ଅଙ୍କୁର ଫାଉଣ୍ଡେସନର ସମ୍ପାଦିକା ଚିନ୍ମୟୀ ପଣ୍ଡା କହିଛନ୍ତି । ଏଥିସହିତ ପ୍ରତିଦିନ ୫ଟି ଲେଖାଏଁ ଗଛ ଲଗାଇ ୧୦୦ଟି ଗଛ ଲଗାଯିବ ଏବଂ ପ୍ରତି ଗଛକୁ ଜଣେ ଜଣେ ପିଲାଙ୍କ ନାମରେ ନାମିତ କରାଯିବ । ଉକ୍ତ ପିଲାମାନେ ନିଜ ନିଜ ଗଛର ଯତ୍ନ ନେଇ ଏହାକୁ ବଢ଼ାଇବେ ବୋଲି ଚିନ୍ମୟୀ କହିଛନ୍ତି । ଯେଉଁ ପିଲାଙ୍କ ନାମରେ ନାମିତ ଗଛ ଜୀବିତ ରହି ଠିକ ଭାବେ ବଢ଼ିଥିବ ସେହି ପିଲାଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି । ଅଙ୍କୁର ଫାଉଣ୍ଡେସନର ଏଭଳି ପରିବେଶ ସୁରକ୍ଷା ନିହିତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଂଶସା କରିଛନ୍ତି ।

# ସରକାରୀ ଯୋଜନା ପ୍ରଭାବିତ, ହିତାଧିକାରୀ ହଟହଟା

ନବରଙ୍ଗପୁର,୧୬।୬ (ସଦାଶିବ ପ୍ରହରାଜ)

ଜୁନ ୧ ତାରିଖରୁ ଅମଲାମାନେ ନିଜ ଦାବି ପୂରଣ ନାଇଁ ଧାରଣାରେ ବସିଛନ୍ତି। ସରକାରଙ୍କ ସହିତ ମିଳିତ ମଞ୍ଚର ୨ ଥର ଆଲୋଚନା ବିଫଳ ହୋଇଛି। ଅମଲାଙ୍କ ଧାରଣା ଶୁକ୍ରବାର ୧୬ ଦିନରେ ପହଞ୍ଚିଛି। ଅମଲାଙ୍କ କାର୍ଯ୍ୟ ବନ୍ଦ ଯୋଗୁ ଅନେକ କାମ ଠପ୍ ହୋଇ ପଡ଼ିଛି। ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟ ସରକାରଙ୍କ ମୋ ଘର ଯୋଜନାରେ ପଡିଛି। ମୋ ଘର ଯୋଜନାରେ ଋଣ ଆବେଦନ ପାଇଁ ହିତାଧିକାରୀଙ୍କୁ ଆବଶ୍ୟକ କାଗଜ ପତ୍ର ଯଥା ଆୟ, ବାସିନ୍ଦା, ଜାତି ପ୍ରମାଣ ପତ୍ର ତହସିଲ କାର୍ଯ୍ୟାଳୟରୁ ମିଳୁନାହିଁ। ରେଡ୍‌କ୍ରସ୍, ଏକ୍ସ ଗ୍ରାସିଆ ଆଦି ଆର୍ଥିକ କାରବାର, ଜମି ଚିହ୍ନଟ ପ୍ରକ୍ରିୟା ଓ ବିଭାଗୀୟ ଡାକ ଆଦି ତହସିଲ କାର୍ଯ୍ୟାଳୟରୁ ପ୍ରେରଣ ହୋଇପାରୁନି।

ସେହିଭଳି ବ୍ଲକ କାର୍ଯ୍ୟାଳୟରେ ଆର୍ଥିକ ବର୍ଷ ୨୦୨୩ ନିମନ୍ତେ ଅନୁମୋଦିତ ବିଭିନ୍ନ ଯୋଜନାର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଦେଖାଦେଇଛି। ଅମଲାଙ୍କ ଅନୁପସ୍ଥିତି ଯୋଗୁ ପ୍ରକଳ୍ପ ନଥିପତ୍ର ତିଆରି, କାର୍ଯ୍ୟାଳୟ ଆଦେଶ, ନୂତନ ପ୍ରକଳ୍ପର କାର୍ଯ୍ୟାଦେଶ, ଚେକ ବୁକ୍, ଆର୍ଥିକ କାରବାର, ଡାକ, ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ ସହାୟତା ପାଇଁ ଅନଲାଇନ ଆବେଦନ କାର୍ଯ୍ୟ ହୋଇପାରୁନି । ଠିକାଦାର କାର୍ଯ୍ୟକରି ପାଉଣା ପାଉ ନ ଥିବାରୁ ଶ୍ରମିକ ଓ ନିର୍ମାଣ ସାମଗ୍ରୀ ଯୋଗାଇ ଦେଉଥିବା ବ୍ୟକ୍ତିଙ୍କ ରୋଷର ଶିକାର ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର, ପଞ୍ଜିକରଣ, ପ୍ରୋତ୍ସାହନ ରାଶି ମିଳୁନି। କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ ସମଦଶାରେ ଥିବା ଜଣାପଡିଛି। ଦୂର ଦୁରନ୍ତରୁ ଗରିବ ହିତାଧିକାରୀ ବିଭିନ୍ନ କାର୍ଯ୍ୟପାଇଁ ସରକାରୀ କାର୍ଯ୍ୟାଳୟକୁ ଆସୁଛନ୍ତି। କିନ୍ତୁ ଅମଲା ଛୁଟିରେ ଥିବା କହି ଅଧିକାରୀମାନେ ଫେରାଇ ଦେଉଛନ୍ତି। ହିତାଧିକାରୀଙ୍କ ସମେତ ସରକାରୀ ଯୋଜନା ପ୍ରଭାବିତ ହେଉଛି। ସରକାର ଓ ଅମଲାଙ୍କ ଜିଦ୍‌ରେ ଗରିବ ଶ୍ରେଣୀର ଲୋକେ ପ୍ରଭାବିତ ହେଉଥିବାରୁ ଦୁଇ ପକ୍ଷ ଆପୋଷ ଆଲୋଚନା କରି ସମାଧାନ କରିବାକୁ ବୁଦ୍ଧିଜୀବୀ କହିଛନ୍ତି।

#### ୧୬ ଦିନରେ ଅମଲାଙ୍କ ଆନ୍ଦୋଳନ

# ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ

ରାୟଗଡା, ୧୬।୬ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ମହିଳା କ୍ଲବର ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବବ ୨୦୨୩ ପାଳିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜାତି ଜନ ଜାତି ସଂଖ୍ୟା ଲଘୁ ତଥା ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ଶାରକା ଯୋଗଦେଇ ରଜ ଏକ ଗଣ ପର୍ବ ଏବଂ ମହିଳାମାନଙ୍କ ସ୍ୱାବଲମ୍ବୀ ପାଇଁ ସଂସ୍କୃତି ଅନୁଷ୍ଠାନ ଦୀର୍ଘ ୨୨ ବର୍ଷ ଧରି କାମ କରିଆସୁଛି ବୋଲି କହିଥିଲେ। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ମହିଳାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ, ସଂସ୍କୃତି ଅନୁଷ୍ଠାନର ସଭାପତି ସୁଜାତା ପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ମିଶ୍ର, ସଂସ୍କୃତି କ୍ଲବର ସମ୍ପାଦିକା ସରସ୍ୱତୀ ସାହୁ, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ବବି ଲତା ସରଫ ପ୍ରମୁଖ ଉପସ୍ଥିତ ଥିଲେ । ରଜ ପାଳନ ଅବସରରେ ଜିଲାପାଳଙ୍କ ସହ ଅନ୍ୟ ମହିଳାମାନେ ମଧ୍ୟ ଦୋଳି ଖେଳର ମଜା ନେଇଥିଲେ। ପିଠା ପ୍ରତିଯୋଗିତାରେ ଇତିଶ୍ରୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଅନ୍ୟ ମହିଳାମାନେ ପୋଡ଼ ପିଠା, ପାରମ୍ପରିକ ମିଠା ପ୍ରସ୍ତୁତି କରି ଆଣିଥିଲେ ।


ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ ଓ ଅନ୍ୟମାନେ ଦୋଳି ଖେଳୁଛନ୍ତି।

# ରଜ ଉତ୍ସବରେ ମିଠାପାନ ପ୍ରତିଯୋଗିତା

ମୁନିଗୁଡ଼ା, ୧୬।୬ (ରାଧେଶ୍ୟାମ ଅଗ୍ରୱାଲ)


ଶେଷ ରଜରେ ଯୁବତୀମାନେ ଦୋଳି ଖେଳର ମଜା ନେଉଛନ୍ତି।

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଶେଷରଜରେ ପୋଡପିଠା, କାକରା, ବିଭିନ୍ନ କିସମର ମିଠା ଓ ରଜ ପାନ ସାଙ୍ଗକୁ କୁମାରୀମାନଙ୍କ ଦୋଳି ଖେଳରେ ମୁନିଗୁଡ଼ା ଚଳଚଞ୍ଚଳ ହୋଇଉଠିଥିଲା। ଅନେକ ସାହିରେ କୁଆଁରୀମାନେ ମିଠାପାନର ପ୍ରତିଯୋଗିତା କରିଥିବା ବେଳେ ଅତିଥିମାନଙ୍କୁ ପିଠା, ମିଠା ଓ ପାନ ଦେଇ ସତ୍କାର କରୁଥିବା ଦେଖିବାକୁ ମିଳିଥିଲା। ଏଥିସହିତ ଅଞ୍ଚଳର ପୁରୁଷମାନଙ୍କ ମଧ୍ୟରେ ତାସ, ପଶା, ବାଘ ବଜାରି, କ୍ୟାରମ, ଚେସ୍ ଖେଳର ଆସର ଜମିଥିଲା। ମୁନିଗୁଡାର ପାଇକ ସାହିରେ କୁଆଁରିମାନେ ରଜ ଉତ୍ସବକୁ ଖେଳ କୌତୁକ ମଧ୍ୟରେ ପାଳିତ କରୁଥିବାବେଳେ କଳିଙ୍ଗ ବୈଶ୍ୟ ସଂଘର କୁଆଁରୀମାନେ ରଜଦୋଳି ଗୀତ ସହ ନାଚରେ ମଜ୍ଜି ଯାଇଥିଲେ। ସେହିପରି ଗଣେଶ ନଗରରେ ଦୋଳି ଖେଳ ସହିତ କୁଆଁରୀମାନେ ଘରଘର ବୁଲି ଓଡ଼ିଆ ଅସ୍ମିତାର ପ୍ରତୀକ ମିଠା ପାନ, ପିଠା ବାଣ୍ଟି ଭାଇଚାରାର ଉଦାହରଣ ସୃଷ୍ଟି କରିଥିଲେ।

# ଶବର ସାଂସ୍କୃତିକ ସଂଘର କର୍ମକର୍ତ୍ତା ଚୟନ

ଗୁଣପୁର,୧୬।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁରସ୍ଥିତ ଶବର ସାଂସ୍କୃତିକ ସଂଘର କାର୍ଯ୍ୟାଳୟଠାରେ ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ୧୦୭ ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଶବର ସାଂସ୍କୃତିକ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ବିଧାୟକ ରଘୁନାଥ ଗମାଙ୍ଗ, ଜିଲା କଂଗ୍ରେସ କମିଟିର ସଭାପତି ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସଂଘର ଚକ୍ରପାଣି ଶବର, ବଳରାମ ଶବର, ବିଦ୍ୟାଧର ଶବର, ଫାଲଗୁନି ଶବରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଆଦିବାସୀ ଭାଷା ଏବଂ ଲିପିର ପ୍ରଚାର ପ୍ରସାରରେ ମାଙ୍ଗେଇ ଗମାଙ୍ଗଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଶେଷରେ ସଂଗଠନର କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଚକ୍ରପାଣି ଶବର, ଉପସଭାପତି ଆରୋଷି ଶବର, ସମ୍ପାଦକ ବଳରାମ ଶବର, ଯୁଗ୍ମସଂପାଦକ ବିଦ୍ୟାଧର ଶବର, କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଗମାଙ୍ଗ, ଯୁଗ୍ମ କୋଷାଧ୍ୟକ୍ଷ ଲୋକନାଥ ଶବର ପ୍ରମୁଖ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ, ରୋହିଦାସ ଶବର, ରଘୁନାଥ ଗମାଙ୍ଗ, କମଳାକାନ୍ତ ଶବର, ଆଇନ ଉପଦେଷ୍ଟା ଭାବେ ଜଗଦିଶ ଗମାଙ୍ଗ, ବୃହସ୍ପତି ଶବର ଚୟନ ହୋଇଥିଲେ। ସେହିଭଳି ୧୩ ଜଣଙ୍କୁ ନେଇ କମିଟିର ସଭ୍ୟ ମଧ୍ୟ ଚୟନ କରାଯାଇଥିଲା।

#### ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗଙ୍କ ଜୟନ୍ତୀ


ମାଙ୍ଗେଇ ଗମାଙ୍ଗଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା ।

# ସମ୍ଭାବ୍ୟ ବନ୍ୟା, ବାତ୍ୟାର ମୁକାବିଲା ପାଇଁ ଆଲୋଚନା

ରାୟଗଡ଼ା ଅଫିସ,୧୬।୬ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତ ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଟେବୁଲଟପ୍ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ଗୁଗଲ ମିଟ୍ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁର, ଜିଲାସ୍ତରୀୟ ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆୟୋଜିତ ବୈଠକରେ ବିଶେଷକରି ବର୍ଷାଦିନେ ସମ୍ଭାବ୍ୟ ବନ୍ୟା ଓ ବତ୍ୟାର କିପରି ମୁକାବିଲା କରାଯାଇପାରିବ ସେଥିନିମନ୍ତେ ପ୍ରଦର୍ଶନୀ ଓ ମକ୍‌ଡ୍ରିଲ୍ କିପରି ଆୟୋଜନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।



ଗୁଗଲ ମିଟ୍ ଜରିଆରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଆସନ୍ତା ୧୮ ତାରିଖରେ ଜିଲା ସଦର ମହକୁମା ଓ ପ୍ରତ୍ୟେକ ବ୍ଲକରେ ଟେବୁଲଟପ୍ ବୈଠକରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଉପରେ ବିଭିନ୍ନ ବିଭାଗ ସହ ଆଲୋଚନା କରାଯିବ। ଅଗ୍ନିଶମ ବିଭାଗ ତରଫରୁ ବିପର୍ଯ୍ୟୟ ମୁକାବିଲା ସମ୍ବନ୍ଧରେ ମକ୍‌ଡ୍ରିଲ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଆସନ୍ତା ୧୯ ତାରିଖରେ ଜିଲାର ୩ଟି ବହୁମୁଖୀ ଆଶ୍ରୟସ୍ଥଳୀ ଯଥା ରାୟଗଡ଼ା ବ୍ଲକର ହାଟ ଶେଷଖାଲ, ବିଷମକଟକ କୁଟ୍ରାଗଡ଼ ଏବଂ ଗୁଣପୁରର ବିକ୍ରମପୁରଠାରେ ମକ୍‌ଡ୍ରିଲ ଆୟୋଜନ କରାଯିବ। ଏହି ମକ୍‌ ଡ୍ରିଲ୍ ନିମନ୍ତେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଅଞ୍ଚଳରେ ପରିଚାଳକ, ସ୍ଥାନୀୟ ଜନସାଧାରଣ, ସରପଞ୍ଚ, ସାମାଜିକ କର୍ମୀଙ୍କୁ ସାମିଲ କରାଯିବ। ଏହି ପରିପ୍ରେକ୍ଷୀରେ ଅଗ୍ନିଶମ ବିଭାଗ କର୍ମଚାରୀ ମକ୍‌ପ୍ରଦର୍ଶନକରି ଲୋକମାଙ୍କୁ ସଚେତନ କରିବେ। ଏଥିପାଇଁ ଜିଲାର ପ୍ରତ୍ୟେକ ବ୍ଲକରେ ବିଡିଓମାନେ ସମନ୍ୱୟ ବୈଠକ ଡାକି ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ସ୍ଥିର କରାଯାଇଛି ।

#### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଜୁନ୍, ୨୦୨୩



## ସଂକ୍ଷେପରେ

### କାଟ୍‌ନି ଛାଟ୍‌ନି ବନ୍ଦ କରି ଧାନ ଉଠାଇବାକୁ ଦାବି

#### ଜିଲା ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ



ଜୟପୁର ୧୬।୬ (ପବନ ପାଣିଗ୍ରାହୀ)- କାଟନି ଛାଟନି ବନ୍ଦ କରି ଧାନ ଉଠାଇବା ଦାବିରେ ଶୁକ୍ରବାର ଶତାଧିକ ଚାଷୀ ଜୟପୁରସ୍ଥିତ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ଘେରାଉ କରିଛନ୍ତି। ବୋରିଗୁମ୍ମା ବ୍ଲକ ଗୁଜୁନିଗୁଡା ପଞ୍ଚାୟତ ବେଣାଗାଁ ମଣ୍ଡିରେ ଧାନ ବିକ୍ରି କରିଥିବା ଚାଷୀମାନେ ଏକାଠି ହୋଇ ଜିଲା ଯୋଗାଣ ଅଧିକାରୀ ପଣ୍ଡାଙ୍କୁ ଭେଟି ଦାବିପତ୍ର ଦେବା ସହ ଘେରିଥିଲେ। ଏହି ସମୟରେ ଚାଷୀମାନେ କହିଥିଲେ ଯେ, ରବି ଫସଲର ଅମଳ ଧାନ ସରକାରୀ ମୂଲ୍ୟରେ ବିକିବା ପାଇଁ ୨ ଶହ ଚାଷୀ କାମତା ଲ୍ୟାମ୍ପସରେ ନାମ ପଞ୍ଜିକରଣ କରିଥିଲେ। ପଞ୍ଜିକରଣ କରିଥିବା ଚାଷୀଙ୍କ ଟୋକନ ଆସିଛି। ଇତି ମଧ୍ୟରେ ୧୫ ଦିନ ବିତିଗଲାଣି। ମାତ୍ର କାମତା ଏମଡିଙ୍କ ଅସହଯୋଗ ଯୋଗୁ ମିଲର୍ସ ମାନେ କୁଇଣ୍ଟାଲ ପିଛା ୫ରୁ ୭ କେଜି ଧାନ କଟନି ଛଟନି ପାଇଁ ଦାବି କରୁଥିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି ବୋଲି କହିଥିଲେ। ଜିଲା ଯୋଗାଣ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବାକୁ ଚାଷୀ ମନବଧ ମହୁରିଆ, ଭାରତ ନାୟକ, ଅରୁଣ ବାଘ, ରାହୁଲରାଜ ମହୁରିଆ, ପରମେଶ୍ୱର ଗୌଡ, ତ୍ରିନାଥ ନାୟକ, ଜଗନ୍ନାଥ ପେଣ୍ଟିଆ ପ୍ରମୁଖ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ

### ରୋଗୀ ସେବା, ଆନୁଷଙ୍ଗିକ ବ୍ୟବସ୍ଥା ସୁଧାରିବାକୁ ନିର୍ଦ୍ଦେଶ

କୋରାପୁଟ,୧୬।୬(ଅମିତାଭ ବେହେରା)- କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ତଥା ଯୋଜନା ବୋର୍ଡ ଅଧକ୍ଷ ରଘୁରାମ ପଡାଲ, ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡା. ସୀତାରାମ ମହାପାତ୍ର, ଡିନ ପ୍ରଫେସର ସଦାନନ୍ଦ ରଥ, ଜିଲାପାଳ ଅବଦଲ ଏମ. ଅଖତର,ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଯୋଗ ଦେଇ ସ୍ୱାସ୍ଥ୍ୟସେବା ଓ ଅନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ମେଡିକାଲ କଲେଜରେ ଲାଗି ରହିଥିବା ସମସ୍ୟା ସମାଧାନ ନେଇ ବୈଠକରେ ଆରଡିସି ଗୁରୁତ୍ୱାରୋପ କରିଥିଲେ। ରୋଗୀଙ୍କୁ ସଠିକ ଭାବେ ସ୍ୱାସ୍ଥ୍ୟସେବା, ରୋଗୀ ସମ୍ପର୍କୀୟଙ୍କ ପାଇଁ ଆଶ୍ରୟସ୍ଥଳୀ, ଯାନବାହାନ ପାର୍କିଂ, ମାତୃ ଓ ଶିଶୁ ବିଭାଗ ବାହାରେ ୩୦ ଶର୍ଯ୍ୟା ବିଶିଷ୍ଟ ନୂତନ ଆଶ୍ରୟସ୍ଥଳୀ ନିର୍ମାଣ, ହସ୍ପିଟାଲର ଭିତର ଓ ବାହାର ମରାମତି, ଚକ୍ଷୁ,ଗଳା,ଚର୍ମ ଓ ମାତୃ ଓ ଶିଶୁ ବିଭାଗ ରାସ୍ତା ମରାମତି, ବିଭିନ୍ନ ଜାଗାରେ ରୋଗୀ ସମ୍ପର୍କୀୟ ବସିବାକୁ ନୂତନ ଚେୟାର ପ୍ରତିଷ୍ଠା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରବିବାର ରନ୍ଧା ଖାଦ୍ୟ ଯୋଗାଇଦେବାକୁ ଆରଡିସି ଗୁରୁତ୍ୱ ଦେଇଥିଲେ। ଏଥିସହ ସେ ୬୫୦ ଶର୍ଯ୍ୟା ବିଶିଷ୍ଟ ନିର୍ମାଣାଧୀନ ବଡ ମେଡିକାଲକୁ ସ୍ୱତନ୍ତ୍ର ଭାବେ ବିଦ୍ୟୁତ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସରକାରୀ ଯୋଜନା, ହିତାଧିକାରୀ ପ୍ରଭାବିତ

### ୧୬ ଦିନରେ ଅମଲାଙ୍କ ଆନ୍ଦୋଳନ

ନନ୍ଦପୁର, ୧୬।୬ (ଶଙ୍କର ପୂଜାରୀ)



ଧାରଣାରେ ବସିଥିବା ଅମଲା।

ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲାମାନେ ଜୁନ ୧ରୁ ମିଳିତ ଅମଲା ମଞ୍ଚର ଆହ୍ୱାନରେ ୧୬ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଓଆରଏସ୍‌ପି ରୁଲ ୨୦୧୭କୁ କାର୍ଯ୍ୟକାରୀ କରିବା, ଲେଭେଲ-୪ରୁ ଲେଭେଲ-୯ ପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ଅମଲାଙ୍କ ମୂଳ ଦରମା ବୃଦ୍ଧି କରିବା ସେମାନଙ୍କ ଦାବି ରହିଛି। ମାତ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାଦ୍ୱାରା ସରକାରୀ ଯୋଜନା କାର୍ଯ୍ୟକାରିତା ଓ ହିତାଧିକାରୀମାନେ ପ୍ରଭାବିତ ହୋଇଛନ୍ତି। ମୋ ଘର ଯୋଜନାରେ ଋଣ ଆବେଦନ ପାଇଁ ହିତାଧିକାରୀଙ୍କୁ ଆବଶ୍ୟକ କାଗଜପତ୍ର ଆୟ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ମିଳିପାରୁନାହିଁ। ରେଡକ୍ରସ୍, ଏକ୍ସଗ୍ରାସିଆ ଆର୍ଥିକ କାରବାର, ଡିମାର୍କେଶନ ସହ ଅନ୍ୟାନ୍ୟ କାର୍ଯ୍ୟ ହୋଇପାରୁନାହିଁ। ୨୦୨୩ ନିମନ୍ତେ ଅନୁମୋଦିତ ବିଭିନ୍ନ ଯୋଜନାର ଉନ୍ନୟନମୂଳକ କାର୍ଯ୍ୟ,ପ୍ରକଳ୍ପ ନଥିପତ୍ର ତିଆରି, ନୂତନ ପ୍ରକଳ୍ପ ଲାଗି କାର୍ଯ୍ୟାଦେଶ, ଆର୍ଥିକ କାରବାର, ଡାକ, ସାମାଜିକ ସୁରକ୍ଷା ବିଭାଗର ବିଭିନ୍ନ ସହାୟତା ପାଇଁ ଅନଲାଇନ ଆବେଦନ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ସମ୍ପୃକ୍ତ ଶିଶୁ ବିକାଶ ବିଭାଗରେ ମଧ୍ୟ ଅଚଳାବସ୍ଥା ଜାରି ରହିଛି। ନନ୍ଦପୁର ବ୍ଲକରେ ଥିବା ବିଭିନ୍ନ କାର୍ଯ୍ୟାଳୟ ଯଥା ବ୍ଲକ କାର୍ଯ୍ୟାଳୟର ୬ ଜଣ, ତହସିଲ କାର୍ଯ୍ୟାଳୟର ୯ ଜଣ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ, କୃଷି ବିଭାଗର ୨ ଜଣ, ଶିଶୁ ବିକାଶ ବିଭାଗର ୩ଜଣ, ଶିକ୍ଷା ବିଭାଗର ୩ଜଣ ଅମଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସରକାର ତୁରନ୍ତ ସେମାନଙ୍କ ଦାବି ଉପରେ ବିଚାର କରି ପଦକ୍ଷେପ ନେଇ ଅଚଳାବସ୍ଥା ଦୂର କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

## ବାଲିମେଳା ନଗର ଭାଜପା ସଭାପତି, ସମ୍ପାଦକଙ୍କ ଇସ୍ତଫା

ବାଲିମେଳା, ୧୬।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ନଗର ଭାଜପା ସଭାପତି ଶୁଭାଶିଷ କର ଓ ସମ୍ପାଦକ ସୀମାଞ୍ଚଳ ପ୍ରଧାନ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଶୁଭାଶିଷ ଏକ ପ୍ରେସ ବିଜ୍ଞପ୍ତିରେ ଏ ନେଇ ଜଣାଇଛନ୍ତି।

୧୨ ତାରିଖରେ ବାଲିମେଳା ନଗର ଭାଜପା ସଭାପତି ଶୁଭାଶିଷ କର ଓ ସମ୍ପାଦକ ସୀମାଞ୍ଚଳ ପ୍ରଧାନ ଦୁହେଁ ମିଶି ମାଲକାନଗିରି ଜିଲା ଭାଜପା ସଭାପତି ନିମାଇଁ ପାଲଙ୍କୁ ତାଙ୍କର ଲିଖିତ ଇସ୍ତଫା ଦେଇଥିଲେ। ଏ ସମ୍ପର୍କରେ ତାଙ୍କୁ ମୌଖିକ ଭାବେ ଜଣାଇଥିବା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏହାପରେ ମଧ୍ୟ ଜିଲା ଭାଜପା ସଭାପତି ନିମାଇଁ ପାଲ ଇସ୍ତଫା ପତ୍ରର କୌଣସି ଉତ୍ତର ନ ରଖିବାରୁ ଶୁକ୍ରବାର ବାଧ ହୋଇ ଏ ସମ୍ପର୍କରେ ପ୍ରେସ ବିଜ୍ଞପ୍ତି ଗଣମାଧମକୁ ଦେବାକୁ ବାଧ ହେଲୁ ବୋଲି ଶୁଭାଶିଷ ଓ ସୀମାଞ୍ଚଳ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୬ବର୍ଷ ହେବ ଶୁଭାଶିଷ ବାଲିମେଳା ନଗର ଭାଜପା ସଭାପତି ଓ ସୀମାଞ୍ଚଳ ୧୩ବର୍ଷ ହେବ ସମ୍ପାଦକଭାବେ କାର୍ଯ୍ୟ କରି ଆସୁଥିଲେ। ତେବେ କେଉଁ କାରଣରୁ ଦୁହେଁ ନିଜ ପଦବୀରୁ ଇସ୍ତଫା ଦେଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ଏ ସମ୍ପର୍କରେ ଜିଲା ଭାଜପା ସଭାପତିଙ୍କର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ଯୋଗ ଆଣିପାରିବ ଚିନ୍ତାମୁକ୍ତ ଜୀବନ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଏସ୍ଏଫ୍ ଯବାନ।

କୋରାପୁଟ,୧୬।୬(ଅମିତାଭ ବେହେରା)

### ବିଏସ୍ଏଫ୍ ଯବାନଙ୍କୁ ତାଲିମ

ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ଶୁକ୍ରବାର କୋରାପୁଟସ୍ଥିତ ବିଏସ୍ଏଫ୍ ମୁଖ୍ୟାଳୟଠାରେ ଚିନ୍ତାମୁକ୍ତ ଜୀବନ ଅତିବାହିତ ନେଇ ବିଏସ୍ଏଫ୍ ଯବାନମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପରିଚାଳିକା ବ୍ରହ୍ମାକୁମାରୀ ସ୍ୱର୍ଣ୍ଣ ଭଉଣୀଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଏସ୍ଏଫ୍ ଡିଆଇଜି ଏସ୍ଏଚ୍ ଶୈଳେସ କୁମାର ଯୋଗଦେଇ ଚିନ୍ତାମୁକ୍ତ ଜୀବନ ପାଇଁ ଯୋଗ ଓ ଆଧାତ୍ମିକତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମାନସିକ ଅବସାଦରୁ ମୁକ୍ତ ରହିବା ପାଇଁ ପ୍ରଶାସନିକ ଅଧିକାରୀମାନେ କ୍ରୋଧ ଓ ଅହଙ୍କାରକୁ ପରିହାର କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ପ୍ରିୟା ଚୈଧୁରୀ, ବ୍ରହ୍ମାକୁମାର ପୁରୁଷୋତ୍ତମ ଚୌଧୁରୀ ଯୋଗଦେଇ ଯବାନମାନେ ଅବସାଦରୁ ମୁକ୍ତ ହେବାକୁ ହେଲେ ଯୋଗ ଓ ଆଧାତ୍ମିକ ଜ୍ଞାନ ଦ୍ୱାରା ଏକାଗ୍ରତା ଆଣିବା ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୯୩ ଜଣ ଯବାନ ଚିନ୍ତାମୁକ୍ତ ଜୀବନ ନେଇ ବିଭିନ୍ନ ଯୋଗ ଶିକ୍ଷା ନେଇଥିଲେ।

## ବିଷ ପିଇ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀ ମୃତ

ପଟ୍ଟାଙ୍ଗି,୧୬।୬(ଶରତ ଧଳ)

### ବିବାହ ପ୍ରତିଶ୍ରୁତି ପରେ ପ୍ରତାରଣା

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବାରୁ ଶେଷରେ ସେ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇ ବିଷପିଇ ଗତ ୧୧ ତାରିଖରେ ଆତ୍ମହତ୍ୟା କରିଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। କୋରାପୁଟ ଜିଲା ପଟ୍ଟାଙ୍ଗିବ୍ଲକ ସୁଙ୍କି ଥାନା ଅଞ୍ଚଳରେ ଏପରି ଘଟଣା ଘଟିଛି। ଏନେଇ ପରିବାର ସଦସ୍ୟ ଓ କୁଇ ସମ୍ପ୍ରଦାୟ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମ୍ପୃକ୍ତା ଯୁବତୀଙ୍କ ବାପା ବିରଶୁ ପାଙ୍ଗି ଥାନାରେ ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡିଛି, ଗ୍ରାମର ଗଣତୁରି ସମୁଲୁ ସମ୍ପୃକ୍ତା ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ଜାଣିବା ପରେ ଗଣତୁରି ଯୁବତୀଙ୍କଠାରୁ ଦୂରେଇ ରହିଲେ। ତାଙ୍କୁ ବିବାହ କରିବାକୁ ଯୁବତୀ ଜଣକ ଗଣତୁରିଙ୍କୁ କହିବାରୁ ସେ ମନା କରି ଦେଇଥିଲେ। ପରେ ସେ ବାହାର ରାଜ୍ୟକୁ ଚାଲି ଯାଇଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇ ପରେ ବିଷପିଇ ଦେଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ପରିବାର ଲୋକେ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡ଼ିକାଲ କଲେଜକୁ ଡାକ୍ତର ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କ ଅବସ୍ଥା ନ ସୁଧୁରିବାରୁ ଗତ ୧୪ ତାରିଖରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ୧୫ରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତା ଯୁବତୀଙ୍କ ମୃତ୍ୟୁ ହୋଇଥିବା ଯୁବତୀଙ୍କ ବାପା ବିରସୁ କହିଛନ୍ତି। ଏନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୩୨୭/୨୩ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଏହି ଘଟଣା ଜଣାପଡିବା ପରେ କୁଇ ସମାଜ ସଂଘର ବ୍ଲକ ସଭାପତି ସୁନିଲ ଖରା ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ମୃତଦେହ ଶୁକ୍ରବାର ଗ୍ରାମରେ ପହଞ୍ଚିଛି। କୁଇ ସମାଜ ସଭାପତି ଖରା ଏବଂ ସମ୍ପାଦକ ବିମଳା ପାଙ୍ଗିଙ୍କ ସମେତ ଅନ୍ୟମାନେ ସୁଙ୍କି ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଗଣତୁରିଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ସୁଙ୍କି ଥାନା ଅଧିକାରୀ କରୁଣାକର ଶବରଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗ ଗ୍ରହଣ କରାଯାଇଛି। ଘଟରାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ନୂଆ ପ୍ରାଣୀ ଚିକିତ୍ସାଳୟ ନିକଟରେ ମାଟିଗଦା

ମାଲକାନଗିରି,୧୬।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରିଜିଲାରେ ଗୋ ସମ୍ପଦର ସୁରକ୍ଷା ଏବଂ ଉନ୍ନତମାନର ଚିକିତ୍ସା ପାଇଁ ସରକାର ଜିଲାର ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା, ପଡିଆ, କାଲିମେଳା ବ୍ଲକ ସଦର ମହକୁମାରେ ଥିବା ପୁରୁଣା ପ୍ରାଣୀ ଚିକିତ୍ସାଳୟ ବଦଳରେ ନୂତନ ପ୍ରାଣୀ ଚିକିତ୍ସାଳୟ ନିର୍ମାଣକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଟେଣ୍ଡର ଆହ୍ୱାନ ମଧ୍ୟ କରାଯାଇଛି। ପ୍ରତି ନୂତନ ପ୍ରାଣୀ ଚିକିତ୍ସାଳୟ ପାଇଁ ୫୦ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଛି। ଟେଣ୍ଡର ନେଇଥିବା ଠିକାଦାର ଚୁକ୍ତି ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବା କଥା। ମାତ୍ର ଏହି ଚିକିତ୍ସାଳୟ ନିର୍ମାଣ ଲାଗି ଟେଣ୍ଡର ପାଇଥିବା ଭୁବନେଶ୍ୱରର ସମ୍ପୃକ୍ତ ଠିକାଦାର ନିଜେ କାମ ନ କରି ଅନ୍ୟ ଠିକାଦାରଙ୍କୁ ଚୁକ୍ତି କରି କାର୍ଯ୍ୟ ଦେଇଛନ୍ତି। ଫଳରେ ନିର୍ମାଣ ସ୍ଥଳରେ ଠିକାଦାର କିମ୍ବା ତାଙ୍କ କର୍ମଚାରୀ ରହୁନାହାନ୍ତି। ମାଲକାନଗିରି ଜିଲାରେ ଡିଏସ୍ଆଇସି ପକ୍ଷରୁ ଏହି ଟେଣ୍ଡର ହୋଇଥିଲେ ମଧ୍ୟ ମାଲକାନଗିରି ଜିଲାରେ ଏହି କାର୍ଯ୍ୟାଳୟ ନାହିଁ। କାର୍ଯ୍ୟ ତଦାରଖ ପାଇଁ କୌଣସି ଯନ୍ତ୍ରୀ ଆସୁନାହାନ୍ତି। ମାଲକାନଗିରି ଜିଲା ସଦର ମହକୁମା ମୁଖ୍ୟ ପ୍ରାଣୀଚିକିତ୍ସାଳୟ ପରିସରରେ ସମ୍ପୃକ୍ତ ଠିକାଦାର ୩ ମାସ ତଳୁ ଗୃହ ନିର୍ମାଣ ପାଇଁ ପିଲର ଓ ଫାଉଣ୍ଡେସନ ପକାଇବାକୁ ଗାତ ଖୋଳି ପ୍ରାଣୀ ଚିକିତ୍ସାଳୟର କୋଠରି ସମ୍ମୁଖରେ ମାଟି ଗଦା କରିଛନ୍ତି। ଫଳରେ ସେହି କୋଠରିରେ ଥିବା ଚିକିତ୍ସା ଯନ୍ତ୍ରପାତି, ସାମଗ୍ରୀ ଏବଂ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଅବହେଳିତ ହୋଇ ପଡିରହିଛି। ଆଉ ଏକ ସପ୍ତାହ ପରେ ମୌସୁମୀ ବର୍ଷା ଆରମ୍ଭ ହୋଇଗଲେ ପୁରୁଣା କୋଠରିଗୁଡିକ ନଷ୍ଟ ହେବା ସହ ଏଥିରେ ଥିବା ସାମଗ୍ରୀଗୁଡିକ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ଏସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅଶୋକ ତ୍ରିପାଠୀଙ୍କୁ ପଚାରିବାରୁ ସେ ପୁରୁଣା କୋଠରିଗୁଡିକରେ ଅନେକ ସାମଗ୍ରୀ ରଖାଯାଇଥିବା ସ୍ୱୀକାର କରିଥିଲେ। ସମ୍ପୃକ୍ତ ଠିକାଦାରଙ୍କୁ ଶୀଘ୍ର କାର୍ଯ୍ୟ ଆରମ୍ଭ କରି କୋଠରିଗୁଡିକ ନିକଟରେ ଗଦା ହୋଇଥିବା ମାଟିକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଅବହେଳା କଲେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତ୍ରିପାଠୀ କହିଛନ୍ତି।

## ରାସ୍ତାରେ ଚା'ପକୁଡି, କାକରା ବିକି ପ୍ରତିବାଦ କଲା ମିଳିତ ଅମଲା ମଞ୍ଚ


ବରାପକୁଡି ଛାଣି ବିକ୍ରି କରି ଅମଲାମାନେ ପ୍ରତିବାଦ ଜଣାଉଛନ୍ତି।

ମାଲକାନଗିରି, ୧୬।୬(ଦୁର୍ଯ୍ୟୋଧନ ପାତ୍ର)

ସମଗ୍ର ରାଜ୍ୟରେ ଜୁନ ୧ରୁ ଏକଦଫା ଦାବି ନେଇ ମିଳିତ ଅମଲା ମଞ୍ଚ ପକ୍ଷରୁ ସମୂହ ଛୁଟିରେ ରହି ଅମଲାମାନେ ଆନ୍ଦୋଳନ ଚଳାଇଛନ୍ତି। ମାଲକାନଗିରି ଜିଲା ଅମଲା ସଂଘ ପକ୍ଷରୁ ମଧ୍ୟ ଅମଲାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଧାରଣା ଦେଇ ଆନ୍ଦୋଳନ ଚଳାଇଛନ୍ତି। ଶୁକ୍ରବାର ଅମଲାମାନେ ଅଭିନବ ଉପାୟରେ ସେମାନଙ୍କ ପ୍ରତିବାଦ ଜଣାଇଛନ୍ତି। ସେମାନେ ରାସ୍ତା କଡରେ ପକୁଡି, ଚା, କାକରା ତିଆରି କରି ଏହାକୁ ବିକ୍ରି କରି ସେମାନଙ୍କ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରିଛନ୍ତି। ଅମଲାଙ୍କ ଦୀର୍ଘଦିନ ଧରି ଏପରି ଆନ୍ଦୋଳନ ଯୋଗୁ ଜିଲାରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡିଛି। ସାଧାରଣ ଲୋକମାନେ ବିଭିନ୍ନ ସମସ୍ୟା ଭୋଗୁଛନ୍ତି। ସେମାନଙ୍କ ଦାବି ପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି। କାର୍ଯ୍ୟକ୍ରମରେ ମିଳିତ ଅମଲା ମଞ୍ଚ ଆବାହକ ଶ୍ୟାମସୁନ୍ଦର ନାୟକ, ଅମଲା ମଞ୍ଚ ସଭାପତି ଲକ୍ଷ୍ମୀକାନ୍ତ ସେଠୀ, ସାଧାରଣ ସମ୍ପାଦକ, ସିଏଚ୍. କ୍ରିଷ୍ଣା ରାଓ, ଲକ୍ଷ୍ମୀଧର ଦାସ, ଟୁକୁନା ପଡିଆରୀ, ବସନ୍ତ ପୃଷ୍ଟି, ସୁକାନ୍ତ ସାହୁ, ସନ୍ତୋଷ ସେନାପତି ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଆନ୍ଦୋଳନ ଚଳାଇଥିଲେ ମଧ୍ୟ ଅମଲାମାନେ ଏହା ପୂର୍ବରୁ ବାହାନଗାର ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ରକ୍ତଦାନ କରି ସେମାନଙ୍କୁ ୫୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ, ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଓ ମନ୍ଦିର ପରିସର ସଫେଇ କରିଛନ୍ତି।

## ଲୋକକଳା, ପରମ୍ପରା ବଜାୟ ରଖିବାକୁ ପରାମର୍ଶ

### ଲୋକ କଳା ଦିବସ ପାଳିତ

ଜୟପୁର, ୧୬।୭ (ପବନ ପାଣିଗ୍ରାହୀ)



ଲୋକକଳା ଦିବସ ସମ୍ପର୍କରେ ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜୟପୁର ବ୍ଲକ ସଭା ଗୃହରେ ଶୁକ୍ରବାର ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଲୋକ କଳା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ଯୋଗ ଦେଇଥିଲେ। ଏହି ଅବସରରେ ବ୍ଲକ କଳା ସଂସ୍କୃତି ସଂଘ ସଭାପତି ବିଡିଓ ରାଜୀବ ଦାସ, ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ଆଦିତ୍ୟ ସାହୁ,ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ନିଶା କେ.ଏସ., ନାଟ୍ୟ ଗୁରୁ ଗୌରି ଭଙ୍ଗ, କୈଳାସ ଷଡଙ୍ଗୀ, ସନ୍ତୋଷ ଷଡଙ୍ଗୀ, ଦିବାକର ମିଶ୍ର, କଳାକାର, ସଙ୍ଗୀତଜ୍ଞ, ଲୋକ ନୃତ୍ୟ, ଏସ୍ଏଚ୍‌ଜି ସଦସ୍ୟ, ମିଶନ ଶକ୍ତି ସଦସ୍ୟ, ବ୍ୟାଙ୍କ ମିତ୍ର, ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପୁଜାରିପୁଟର ଜୟ ଜଗନ୍ନାଥ ଡ୍ୟାମ୍ସ ଗ୍ରୁପ ,ମା ଠାକୁରାଣୀ ସଙ୍କୀର୍ତ୍ତନ ଗ୍ରୁପ ନିଜ କଳା ପରିବେଷଣ କରିଥିଲେ। ନାଟ୍ୟ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍ଏଚ୍‌ଜି ମହିଳାଙ୍କ ମଧ୍ୟରେ ଖେଟି ପ୍ରତିଯୋଗିତା ହୋଇଥିଲା। କୃତୀ ସଦସ୍ୟାଙ୍କୁ ପୁରସ୍କୃତ କରାଯାଇଥିଲା। ଓଡିଶାରର ଲୋକକଳା ଓ ପରମ୍ପରାକୁ ବଜାୟ ରଖିବା ଏବଂ ଲକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହ ଦିବସ ପାଳନର ଉଦ୍ଦେଶ୍ୟ ବୋଲି ବିଡିଓ ଦାସ କହିଥିଲେ।

## ପାଣି ନାହିଁ, ଲୋକେ ହନ୍ତସନ୍ତ

ମାଥିଲି,୧୬।୬ (ସୁବାଷ ଚନ୍ଦ୍ର ଖୁଡୁପିଆ )

### ଫେଲ୍ ମାରିଛି ବସୁଧା ଯୋଜନା

ଉପାନ୍ତରେ ଜଳ କଷ୍ଟ ଭୋଗୁଛନ୍ତି ଲୋକେ। ଟୋପାଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ମାଥିଲିରେ ବସୁଧା ଯୋଜନା ଫେଲ୍ ମାରିଛି। ସରକାର ପ୍ରତ୍ୟେକ ଅଞ୍ଚଳରେ ବସୁଧା ଯୋଜନାରେ ପାଣି ଯୋଗାଇ ଦେଇଥିବା କହୁଥିବା ବେଳେ ଉପାନ୍ତ ଅଞ୍ଚଳରେ ଲୋକେ ଏଥିରୁ ଉପକୃତ ହେଉନାହାନ୍ତି। ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବାରମ୍ବାର ପ୍ରଶାସନକୁ ଜଣାଇ କିଛି ସୁଫଳ ମିଳୁନାହିଁ। ଏଭଳି ଦୃଶ୍ୟ ଉପାନ୍ତ ମାଲକାନଗିରି ଜିଲା, ମାଥିଲି ବ୍ଲକ, ପାଙ୍ଗାମ ସଦର ପଞ୍ଚାୟତର କଦମଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। କଦମଗୁଡାରେ ୩ଶହରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଗ୍ରାମରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ ହୋଇନି। କେବଳ ସାହିକୁ ସାହି ପାଇପ ପୋତାରେ ସୀମିତ ରହିଛି ଜଳ ଯୋଗାଣ। ଗ୍ରାମରେ ୩/୪ଟି ନଳକୂପ ଥିଲେ ମଧ୍ୟ ତାହା କାମରେ ଲାଗୁନି। କେତେକ ଠିକ୍ ଥିବା ବେଳେ କେତେକ ଖରାପ ହୋଇ ପଡିଛି। ସକାଳ ହେଲେ ଗ୍ରାମବାସୀଙ୍କୁ ଘାରୁଛି ପାଣିଚିନ୍ତା। ନଳକୂପ ନିକଟରେ ମହିଳାଙ୍କ ଭିଡ଼ ଗ୍ରାମର ପାରି ସମସ୍ୟାକୁ ବେଶ୍ ସୂଚାଏ। କୌଣସି ବିକଳ୍ପ ନ ଥିବା ହେତୁ ଲୋକେ ବାଧ ହୋଇ ନଳକୂପରୁ ବାହାରୁଥିବା ଲୋହଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ପାଣି ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରି କିଛି ସୁଫଳ ମିଳିନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।


ପାନୀୟ ଜଳ ନେବାକୁ ନଳକୂପ ସମ୍ମୁଖରେ ମହିଳାଙ୍କ ଭିଡ।

## ସ୍ୱଚ୍ଛତା, ପାନୀୟ ଜଳ, ବିଦ୍ୟୁତ୍ ସେବା ଉପରେ ଗୁରୁତ୍ୱ

ମାଲକାନଗିରି,୧୬।୬ (ଦୁର୍ଯ୍ୟୋଧନ ପାତ୍ର)

### ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ


ଅଧିକାରୀମାନେ ବୈଠକରେ ଆଲୋଚନା କରୁଛନ୍ତି।

ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଲକାନଗିରି ଜିଲା ସଦର ମହକୁମାରେ ଦୁଇଟି ସ୍ଥାନରେ ରଥ ଯାତ୍ରା ପାଳନ କରାଯିବାକୁ ଶୁକ୍ରବାର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜିଲାପାଳ ବିଶାଲ ସିଂଙ୍କ ନିର୍ଦ୍ଦେଶରେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁଙ୍କ ଅଧକ୍ଷତାରେ ଏହି ବୈଠକ ହୋଇଥିଲା। ରଥଯାତ୍ରାଠାରୁ ଆରମ୍ଭ କରି ବାହୁଡାଯାତ୍ରା ପର୍ଯ୍ୟନ୍ତ ସବୁ ଶାନ୍ତିଶୃଙ୍ଖଳାର ସହ କରାଯିବାକୁ ନିଷ୍ପତ୍ତି ହୋଇଥିଲା। କେଉଁ ବିଭାଗ କେଉଁ ଦାୟିତ୍ୱ ତୁଲାଇବେ ସେମାନଙ୍କୁ ଅବଗତ କରାଯାଇଥିଲା। ସ୍ୱଚ୍ଛତା, ପାନୀୟ ଜଳ, ବିଦ୍ୟୁତ ସେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ମାଲକାନଗିରି ସଦର, ଚିତ୍ରକୋଣ୍ଡା, ବାଲିମେଳା, କୋରୁକୋଣ୍ଡା, କାଳିମେଳା, ମୋଟୁ, ପଡିଆ, ମାଥିଲି, ଗୋବିନ୍ଦପାଲି, ସାଲିମି, ଏମ୍.ଭି.-୭୯ ଓ ପାଙ୍ଗାମରେ ରଥଯାତ୍ରା ହେଉଛି। ରଥଯାତ୍ରା ଦିନ ମଦ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ରାସ୍ତା କୋଠାବାଡି ବିଭାଗ ଯନ୍ତ୍ରୀଙ୍କୁ ରଥର ସୁରକ୍ଷା ପ୍ରମାଣପତ୍ର ଦେବାକୁ କୁହାଯାଇଛି। ଏଥିସହ ରଥଯାତ୍ରାରେ ରଥରେ କେତେଜଣ ପୂଜକ ରହିବେ ସେନେଇ ଏକ ତାଲିକା ପ୍ରକାଶ କରାଯିବ। ପ୍ରଶାସନ ଏବଂ ପୋଲିସ ପ୍ରଶାସନକୁ ଏହା ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ରଥ ନିକଟସ୍ଥ ଆଭ୍ୟନ୍ତରୀଣ ଅଞ୍ଚଳରେ ଶୂନ୍ୟ ସହନଶୀଳ ଅଞ୍ଚଳ ରୂପେ ଘୋଷଣା କରିବା, ମନ୍ଦିର ନକଟସ୍ଥ ସଂକୀର୍ଣ୍ଣ ରାସ୍ତାରେ ଅଘଟଣ ଏଡାଇବାକୁ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରିବା, ଅବ୍ୟବହୃତ ଟେଲିଫୋନ୍ ଖୁଣ୍ଟିଗୁଡିକୁ ମଧ୍ୟ ସ୍ଥାନାନ୍ତର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ପୌର ପରିଷଦକୁ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଏବଂ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ନର୍ଦ୍ଦମା, ରାସ୍ତା ମରାମତି ସହ ସ୍ୱଚ୍ଛତା ବଜାୟ ରଖିବା, ବିଭିନ୍ନ ଛକରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ କୁହାଯାଇଛି। ଅଗ୍ନିଶମ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଯାଇଛି। ଜିଲାର ପ୍ରତ୍ୟେକ ସ୍ଥାନରେ ହେଉଥିବା ରଥଯାତ୍ରାକୁ ଜଣେ ଲେଖାଏ ମାଜିଷ୍ଟ୍ରେଟ ତଦାରଖ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ମାଲକାନଗିରି ତହସିଲଦାର ସୟଦ ସବିର ଶାହା, ଜଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ସହକାରୀ ଜିଲାପାଳ ଅଶୋକ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

